## ମାମଲା ପ୍ରତ୍ୟାହାର ପାଇଁ ଆଇନଜୀବୀଙ୍କୁ ହତ୍ୟା ଧମକ

**ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):** ଏକାମ୍ର କ୍ଷେତ୍ରର ବିଭିନ୍ନ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଲାଗି ଆଇନଜୀବୀ ଅରୁଣ ମହାପାତ୍ର ହାଇକୋର୍ଟରେ ମାମଲା ଲଢୁଛନ୍ତି। ତେବେ ଏହି ମାମଲା ପ୍ରତ୍ୟାହାର ପାଇଁ କେହି ତାଙ୍କୁ ମୋବାଇଲ ଫୋନରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ଏନେଇ ସେ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ସୂଚନା ମୁତାବକ, ଲିଙ୍ଗରାଜଙ୍କ କୁଡୁଆ ସମ୍ପତ୍ତି ସମେତ ବିଭିନ୍ନ ନିଷ୍କର ସମ୍ପତ୍ତିକୁ ଚଞ୍ଚକତା ପୂର୍ବକ ସ୍ଥିତିବାନ୍ ଦର୍ଶାଇ ବିକ୍ରି ଉପରେ ରୋକ ଲଗାଇବା ଉପରେ ସେ ମାମଲା ଲଢୁଛନ୍ତି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳିକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଖବରଦାତା ସମ୍ମିଳନୀ, ହୋଟେଲ କେଶରୀ, ପୂର୍ବାହ୍ନ ୧୧ଟା।
- ଦର ବୃଦ୍ଧି ପ୍ରତିବାଦରେ ସିପିଆଇ(ଏମ୍) ପକ୍ଷରୁ ଧାରଣା, ଏଡିଏମ୍ ଅଫିସ୍ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ଆକର୍ଷିତ କରୁଛି ହସ୍ତଶିଳ୍ପ ସାମଗ୍ରୀ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

- ଏକାମ୍ର ହାଟରେ ଓଡ଼ିଶା ହସ୍ତଶିଳ୍ପ ସାମଗ୍ରୀର ସମ୍ଭାର
- କାଇଁଚ ଘାସଠୁ କଂସାପିତ୍ତଳ ସାମଗ୍ରୀ ସବୁ ମିଳୁଛି
- ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ

ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମିଳିତ ଆନୁକୂଲ୍ୟରେ ଉତ୍କଳିକା ପକ୍ଷରୁ ଓଡ଼ିଶା ହସ୍ତଶିଳ୍ପର ସ୍ୱତନ୍ତ୍ର ବଜାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ୟୁନିଟ୍-୩ସ୍ଥିତ ଏକାମ୍ର ହାଟରେ ହୋଇଥିବା ଏହି ସ୍ୱତନ୍ତ୍ର ବଜାରରେ କଳାଭୂମି ଷ୍ଟଲର ସ୍ୱତନ୍ତ୍ର ସାମଗ୍ରୀର ବିଶେଷ ଆକର୍ଷଣ ରହିଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ବଜାରରେ ୫୦ରୁ ଊର୍ଦ୍ଧ୍ୱ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ବିକ୍ରୟ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏଠାରେ କିଣାବିକା ଚାଲିବ। ପ୍ରଥମ ଦିନରେ ରାଜଧାନୀବାସୀ ହାଟ ବୁଲି ଦେଖିବା ସହ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ କିଣିଛନ୍ତି। କାଇଁଚ ଘାସରୁ ପ୍ରସ୍ତୁତ ସାମଗ୍ରୀ, ପାରଳାଖେମୁଣ୍ଡିର ଶିଙ୍ଗ ସାମଗ୍ରୀ, କଣ୍ଟିଲୋ କଂସା ପିତ୍ତଳ, ସମ୍ବଲପୁରୀ ବସ୍ତ୍ର, ପଥର ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ଚିତ୍ରକଳା ଓ ପ୍ରସାଧନ ସାମଗ୍ରୀ ଏଠାରେ ମିଳୁଛି। ଏଠାକୁ ଆସିଥିବା କେନ୍ଦ୍ରାପଡ଼ାର ପର୍ଶୁରାମ ପରିଡ଼ା କହିଛନ୍ତି, କାଇଁଚ ଘାସରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ଗ୍ରାହକ ବେଶ୍ ପସନ୍ଦ କରନ୍ତି। ତେଣୁ ଏଠାରେ ଭଲ ଦି' ପଇସା ରୋଜଗାର ହୋଇପାରିବ ବୋଲି ଆଶା ବାନ୍ଧିଛି। ସେହିପରି କଂସା ପିତ୍ତଳ କାରିଗର ଦଣ୍ଡପାଣି ସାହୁ କହିଛନ୍ତି, ଏଠାକାର କଂସା ପିତ୍ତଳ ଷ୍ଟଲରେ ୫୦୦ ଟଙ୍କାରୁ ଆରମ୍ଭକରି ୨୫ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଉପଲବ୍ଧ ରହିଛି। ଦିନକ ପରେ ଦୀପାବଳି ଥିବାରୁ ପିତ୍ତଳ ଦୀପ ଅଧିକ ବିକ୍ରିହେବ ବୋଲି ଆଶା ରଖିଛି। ପାରଳାଖେମୁଣ୍ଡିରୁ ଆସିଥିବା ଉମାଶଙ୍କର ମହାରଣାଙ୍କ କହିବା ଅନୁସାରେ, ତାଙ୍କ ଷ୍ଟଲରେ ୬୦ଟଙ୍କାରୁ ଆରମ୍ଭକରି ୨୨ ଶହ ଟଙ୍କା ପର୍ଯ୍ୟନ୍ତ ମଇଁଷି ଶିଙ୍ଗରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ରହିଛି। ଦୀର୍ଘଦିନର ବ୍ୟବଧାନ ପରେ ଏକ ନୂଆ ରୂପରେ ଏକାମ୍ର ହାଟ ସହରବାସୀଙ୍କ ପାଇଁ ଖୋଲିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଅବସରରେ ବିଭାଗ ପକ୍ଷରୁ ବିଭିନ୍ନ ମେଳା ଓ ବଜାରର ଆୟୋଜନ କରାଯାଉଛି। ଯାହାଦ୍ୱାରା କରୋନାରେ ରୋଜଗାର କରି ନ ପାରି କ୍ଷତିଗ୍ରସ୍ତ ହୋଇଥିବା କାରିଗର ମାନେ ଲାଭବାନ ହୋଇପାରିବେ।



ଉତ୍କଳିକା ପକ୍ଷରୁ ଭୁବନେଶ୍ୱର ଏକାମ୍ର ହାଟରେ ଖୋଲିଥିବା ଓଡ଼ିଶା ହସ୍ତଶିଳ୍ପର ସ୍ୱତନ୍ତ୍ର ବଜାରରେ ଜଣେ ମହିଳା ନିଜ ପସରା ମେଲାଇଛନ୍ତି।

## ପାୱାର ଗ୍ରୀଡ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର, ୨।୧୧:** ପାୱାର ଗ୍ରୀଡ୍, ଭୁବନେଶ୍ୱର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପାୱାର ଗ୍ରୀଡ୍ ଓଡ଼ିଶା ପ୍ରୋଜେକ୍ଟ ଭୁବନେଶ୍ୱର ପକ୍ଷରୁ ସମସ୍ତ କର୍ମଚାରୀ ଏବଂ ସହାୟକଙ୍କୁ ନେଇ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ସେହିଭଳି ମିନି ମାରାଥନରେ କମ୍ପାନୀର କର୍ମଚାରୀ ଏବଂ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ ପଥପ୍ରାନ୍ତ ନାଟକ ସହ ଚକୁଳିଆ ପଣ୍ଡା ଏବଂ ଅନ୍ୟ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପାୱାର ଗ୍ରୀଡ୍‌ର ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସତର୍କତା ସମ୍ପର୍କିତ ଶପଥ ପାଠ କରିଥିଲେ। ଏହି ଅବସରରେ ପାୱାର ଗ୍ରୀଡ୍‌ର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ବିଦ୍ୟାଳୟ ଭିତ୍ତିଭୂମି ବିକାଶ ତଦାରଖ ନିର୍ଦ୍ଦେଶ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ '୫-ଟି' ଯୋଜନା ଚିନ୍ତାଧାରାକୁ ସାକାର କରିବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରହିଛି। ଏହି ଆଧାରରେ ବିଏମ୍‌ସି ଅଞ୍ଚଳରେ ୯ଟି ବିଦ୍ୟାଳୟର ବିକାଶ ଲାଗି ଅନୁଦାନ ଆସିଛି। ବିଏମ୍‌ସି ଅଞ୍ଚଳରେ ହେଉଥିବା ୯ଟି ବିଦ୍ୟାଳୟକୁ ଯାଇ ନିୟମିତ ତଦାରଖ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ୟୁନିଟ୍-୯ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହା ପରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ନିଜ ନିଜ ଦାୟିତ୍ୱରେ ଥିବା ବିଦ୍ୟାଳୟକୁ ଯାଇ କାର୍ଯ୍ୟ ପ୍ରଗତିକୁ ଦେଖିବା ସହିତ ତଦନୁଯାୟୀ ବିବରଣୀ ପ୍ରଦାନ କରିବା ଆରମ୍ଭ କରିଛନ୍ତି। ଆସନ୍ତା ୧୪ ତାରିଖ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ ରହିଛି।

## ଗୀତିକାର ବୈଦ୍ୟନାଥ ଖିଲାରଙ୍କୁ ଭିକାରୀ ବଳ ସମ୍ମାନ

**ଭୁବନେଶ୍ୱର,୨।୧୧:** ଭଜନ ସମ୍ରାଟ ଭିକାରୀ ବଳଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଦାସିଆ ନଡ଼ିଆ ସିନା ତତେ ବଢ଼ିଆ' କାର୍ଯ୍ୟକ୍ରମ ଭିକାରୀ ବଳ ସଂସ୍କୃତି ସଂସଦ, କଳିଙ୍ଗ ସଂସ୍କୃତି ଏବଂ ଐତିହ୍ୟ ସୁରକ୍ଷା ମଞ୍ଚର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଏବଂ ଭିକାରୀ ବଳ ସ୍ମୃତି ସଂସଦର ସଭାପତି ସଂଗ୍ରାମ କେଶରୀ ପାଇକରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ, ମଧ୍ୟମ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂଯୋଗ ପାଇଁ ଭଜନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବରିଷ୍ଠ ଗୀତିକାର ବୈଦ୍ୟନାଥ ଖିଲାରଙ୍କୁ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯାଇଛି। ସଙ୍ଗୀତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଭିକାରୀ ବଳ ସ୍ମୃତି ସଂସଦ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## 'ଛ୦ ର୍‍ୟାଙ୍କ୍ ଭିତରେ ରହିବାକୁ ଆଶା ଥିଲା'

ଭୁବନେଶ୍ୱର, ୨।୧୧(ବ୍ୟୁରୋ)



ନେକତା ଏନ୍ ସ୍ୱସ୍ତି ଶ୍ରବଣ ମିଶ୍ର

ଏନ୍‌ଇଇଟି-୨୦୨୧ ପ୍ରବେଶିକା ପରୀକ୍ଷାରେ ସାଇ ଇଣ୍ଟରନ୍ୟାଶନାଲ୍‌ର ଛାତ୍ର ନେକତା ଏନ୍ ସ୍ୱସ୍ତି ଶ୍ରବଣ ମିଶ୍ର ସର୍ବଭାରତୀୟ ସ୍ତରରେ ୭୫ତମ ର୍‍ୟାଙ୍କ୍ ହାସଲ କରି ରାଜ୍ୟ ଟପ୍ପର ହୋଇଛନ୍ତି। ସେ ୯୯.୯୯୩ ପର୍ସେଣ୍ଟାଇଲ୍ ସହ ସର୍ବମୋଟ୍ ୭୦୫ ମାର୍କ ରଖିଛନ୍ତି। କେନ୍ଦ୍ରାପଡ଼ା ଜିଲା କରିଲୋପାଟଣା ଅଞ୍ଚଳର ମୂଳ ଅଧିବାସୀ ଛାତ୍ର ନେକତା ବର୍ତ୍ତମାନ ମାତାପିତାଙ୍କ ସହ ଭୁବନେଶ୍ୱରରେ ରହୁଛନ୍ତି। ନିଜ ସଫଳତାକୁ ନେଇ ସେ କହିଛନ୍ତି, ମୁଁ ପ୍ରତିଦିନ ପାଖାପାଖି ୧୪ ଘଣ୍ଟା ଅଧ୍ୟୟନ କରୁଥିଲି। ବିଶେଷକରି ଏନ୍‌ସିଆରଟି ପାଠ୍ୟକ୍ରମ ପାଇଁ ବେଶି ସମୟ ଦେଉଥିଲି। କରୋନା ସମୟରେ ସ୍କୁଲ ବନ୍ଦ ମୋତେ ଏକ ସୁଯୋଗ ଆଣିଦେଇଥିଲା, ଯେଉଁଥିପାଇଁ ମୁଁ ଏନ୍‌ଇଇଟି ପରୀକ୍ଷା ଲାଗି ଭଲ ଭାବେ ପ୍ରସ୍ତୁତ କରିପାରିଥିଲି। ଏଥିସହ ଶିକ୍ଷକମାନଙ୍କ ସହଯୋଗ ଏବଂ ପିତାଙ୍କ ପ୍ରେରଣା ମତେ ଏହି ସଫଳତାରେ ବିଶେଷ ସାହାଯ୍ୟ କରିଥିଲା। ରାଜ୍ୟ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। କିନ୍ତୁ ୫୦ତମ ର୍‍ୟାଙ୍କ୍ ଭିତରେ ରହିବା ପାଇଁ ମୋର ଆଶା ଥିଲା। ଲକ୍ଷ୍ୟ ପାଇଁ ଯୋଜନା ପ୍ରସ୍ତୁତ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆତ୍ମବିଶ୍ୱାସ ହିଁ ମୋ' ସଫଳତାର ମନ୍ତ୍ର । ପାଠପଢ଼ା ସହିତ ପ୍ରତିଦିନ ସକାଳେ ଯୋଗ ଓ ମନ୍ତ୍ରପାଠ କରେ ବୋଲି ସେ କହିଛନ୍ତି। ମୋର ମାତାପିତାଙ୍କର ଇଚ୍ଛା ମୁଁ ଡାକ୍ତର ହୋଇ ଜନସେବା କରିବି। ତେଣୁ ଭବିଷ୍ୟତରେ ଜଣେ ଡାକ୍ତର ହେବାର ସ୍ୱପ୍ନକୁ ଏନ୍‌ଇଇଟିର ଏହି ଫଳାଫଳ ନିଶ୍ଚିତ କରାଇଛି ବୋଲି ନେକତା କହିଛନ୍ତି।

ସେହିପରି ଏହି ବିଦ୍ୟାଳୟର ଗୀତି ଗାୟତ୍ରୀ ପଣ୍ଡା ୭୦୫ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୦୦ତମ ଏବଂ ସୁରଜ ନନ୍ଦ ୭୦୧ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୨୪ତମ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି, କରୋନା ଭଳି କଠିନ ସମୟରେ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ପ୍ରଚେଷ୍ଟା ଫଳରେ ଜେଇଇ ମେନ୍ ଓ ଆଡ଼ଭାନ୍ସଡ ସହିତ ଏନ୍‌ଇଇଟି ପରୀକ୍ଷାରେ ରାଜ୍ୟ ଟପ୍ପର ହେବା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ।

## ୨୪ ଘଣ୍ଟା ପରେ ବି କାରଣ ଅସ୍ପଷ୍ଟ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

**ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ ଘଟଣା**

- ଚିକିତ୍ସିତ ହେଉଛନ୍ତି ଅଭିଯୁକ୍ତ
- ଆକ୍ରମଣକାରୀଙ୍କ ନାମରେ ଥାନାରେ ଏତଲା



ଚନ୍ଦ୍ରଶେଖରପୁର ଥାନା ଅଧୀନ ଶୈଳଶ୍ରୀ ବିହାର ଅଞ୍ଚଳରେ ସୋମବାର ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା-ଝିଅଙ୍କୁ ଛୁରାମାଡ଼ କରିଥିଲେ। ଏହି ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ବି ଯୁବକ ଜଣକ କାହିଁକି ଏପରି କାଣ୍ଡ ଘଟାଇଲେ ପୋଲିସ ତାହା ସ୍ପଷ୍ଟ କରିନାହିଁ। ପ୍ରତି ଆକ୍ରମଣରେ ଆହତ ହୋଇ ପଡ଼ୋଶୀ ଯୁବକ ପରେଶ ପଣ୍ଡା ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେପଟେ ଆକ୍ରମଣରେ ଆହତ ହୋଇଥିବା ଅନନ୍ୟା ମିଶ୍ର ମଙ୍ଗଳବାର ଥାନାରେ ଏତଲା ଦେବା ପରେ ପୋଲିସ ପରେଶଙ୍କ ନାମରେ ଏକ (ନଂ.୪୫୦/୨୧) ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନନ୍ୟାଙ୍କ କହିବା ଅନୁଯାୟୀ, ପରେଶ ତାଙ୍କ ପଡୋଶୀ ହୋଇଥିଲେ ବି ସେ ତାଙ୍କୁ ଚିହ୍ନି ନ ଥିଲେ। ତେବେ କ'ଣ ପାଇଁ ଅତର୍କିତ ଆକ୍ରମଣ କଲେ ତାହା ସେ ଜାଣି ନାହାନ୍ତି।

ଅପରପକ୍ଷରେ ପରେଶଙ୍କ ସ୍ତ୍ରୀ ଗଣମାଧ୍ୟମରେ ପୂର୍ବ କଥାକୁ ଦୋହରାଇ କହିଛନ୍ତି, ୩ ଜଣ ଲୋକ ତାଙ୍କ ସ୍ୱାମୀଙ୍କୁ ଧରି ମହିଳା ପୋଷାକ ପିନ୍ଧାଇଥିଲେ। ପରେ ଉକ୍ତ ଘର ଲୋକଙ୍କୁ ଆକ୍ରମଣ କରିବାକୁ ବାଧ କରିଥିଲେ ବୋଲି ସେ କହିଛନ୍ତି। ତେବେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ଲୁଟ୍ କିମ୍ବା ଏକପାଖିଆ ପ୍ରେମ ଏହାର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରୁଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ତଦନ୍ତ ଚାଲିଛି। ଆକ୍ରମଣ କରିଥିବା ଯୁବକ ଜଣକ ଚିକିତ୍ସିତ ହେଉଥିବାରୁ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇ ନାହିଁ। ସେ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯାଇ ଘଟଣା ଉପରୁ ପରଦା ହଟାଯିବ।

## ଜାନୁୟାରୀ ୧ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ଘୋଷଣା ହେଉ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ):** ବିଶ୍ୱରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ପାଇଁ ପ୍ରତିବର୍ଷ ଜାନୁୟାରୀ ୧ ତାରିଖକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ଘୋଷଣା କରାଯିବାକୁ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ନିବେଦନ କରିଛନ୍ତି। ମଙ୍ଗଳବାର ଜୟଦେବ ବିହାରସ୍ଥିତ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦିବ୍ୟ ସ୍ୱରୂପାନନ୍ଦ କହିଛନ୍ତି ଯେ, ବିଶ୍ୱରେ ପ୍ରାର୍ଥନା ଦିବସ ପାଳନ କରାଯାଉନାହିଁ। ପ୍ରାର୍ଥନାର ଶକ୍ତି ଅସୀମ, ସମୂହ ପ୍ରାର୍ଥନା ବିଶ୍ୱକୁ ବିଭିନ୍ନ ବିପତ୍ତିରୁ ରକ୍ଷା କରିବା ସହ ଶାନ୍ତି ସ୍ଥାପନରେ ସହାୟକ ହୋଇଥାଏ। ଏଣୁ ଜାନୁୟାରୀ ୧ ତାରିଖ ସକାଳ ୬ରୁ ୭ ଘଣ୍ଟିକା ପର୍ଯ୍ୟନ୍ତ ଏକଘଣ୍ଟା ଧରି ସମୂହ ପ୍ରାର୍ଥନା କଲେ ଏବଂ ଭିନ୍ନ ଭିନ୍ନ ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ବ୍ୟକ୍ତି ନିଜ ଇଷ୍ଟଦେବଙ୍କୁ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଗୁହାରି ଜଣାଇଲେ ସମଗ୍ର ବିଶ୍ୱର ମଙ୍ଗଳ ସାଧିତ ହେବ। ଏ ନେଇ ଦିବ୍ୟସ୍ୱରୂପାନନ୍ଦଙ୍କ ଅଧକ୍ଷତାରେ ଗଠିତ ବିଶ୍ୱ ପ୍ରାର୍ଥନା ଦିବସ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ଅନ୍ୟ ନେତୃବର୍ଗଙ୍କୁ ନିବେଦନ କରାଯାଇଛି। ପ୍ରଧାନମନ୍ତ୍ରୀ ଉପଯୁକ୍ତ ସମୟରେ ଜାତିସଂଘ ସହ ଯୋଗାଯୋଗ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୧ତାରିଖରେ ତୁଳସୀକ୍ଷେତ୍ର ଓ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଏହି ପ୍ରାର୍ଥନାର ଆୟୋଜନ କରାଯାଇଛି। ସମ୍ମିଳନୀରେ ସମିତିର ସମ୍ପାଦକ ସଚ୍ଚିକାନ୍ତ ନାଥ, ସାମ୍ବାଦିକ ଅରୁଣ ପଣ୍ଡା, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନା ଆଗରେ ସଫେଇ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର, ୨।୧୧ (ବ୍ୟୁରୋ)

ଦୀପାବଳି ବୋନସ୍‌କୁ ନେଇ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ କମି ନ ଥିବାବେଳେ ଜାତିଆଣ ଆକ୍ଷେପକୁ ନେଇ ମଙ୍ଗଳବାର ପୁଣି ଧାରଣାରେ ବସିଥିଲା ସଫେଇ କର୍ମଚାରୀ ସଂଘ। ୱାର୍ଡ ନମ୍ବର ୨୫ ଏନ୍-୧ ଅଞ୍ଚଳର ପୂର୍ବତନ କର୍ପୋରେଟର ମାନସୀ ସୁନ୍ଦରାୟ ସଂଘର ସଭାପତି ସହଦେବ ନାୟକଙ୍କୁ ଅସମ୍ମାନଜନକ ବାକ୍ୟ କହିଥିବାବେଳେ ତାଙ୍କ ଜାତିକୁ ନେଇ ଆକ୍ଷେପ କରିଥିଲେ। ଏହାର ପ୍ରତିବାଦ କରି ସଭାପତି ନାୟକ ନୟାପଲ୍ଲୀ ଥାନାରେ ଏତଲା ଦେବାକୁ ଯାଇଥିଲେ। ଘଟଣା ସମୟରେ ଉପସ୍ଥିତ ଥିବା ସଂଘର ଅନ୍ୟ କର୍ମକର୍ତ୍ତା ସହଦେବଙ୍କ ସପକ୍ଷରେ ବାହାରି ଥାନା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପୂର୍ବତନ କର୍ପୋରେଟରଙ୍କ ଗିରଫ ଦାବିରେ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା।

## ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଭୁବନେଶ୍ୱର,୨।୧୧(ବ୍ୟୁରୋ):** କ୍ୟାପିଟାଲ ଥାନା ଅଧୀନ ୟୁନିଟ୍-୬ ରାଧାକୃଷ୍ଣ ବସ୍ତିର ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି। ସେ ନବମ ଶ୍ରେଣୀର ଛାତ୍ରୀ। ଘଟଣାର ୪ଦିନ ପରେ ବି ପୋଲିସ ଶୁଣୁ ନ ଥିବା ପରିବାର ଲୋକେ ମଙ୍ଗଳବାର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଘର ପାଖେ ରହୁଥିବା ଜଣେ ନୃତ୍ୟ ଶିକ୍ଷକ ତାଙ୍କ ଝିଅକୁ ଅପହରଣ କରି ନେଇଥିବା ସେମାନେ କହିଛନ୍ତି। ଅପରପକ୍ଷରେ ପରିବାରଲୋକେ ଗଞ୍ଜାମ ଜିଲା ରମ୍ଭା ଥାନା ମିଞ୍ଚିଣିପାଟଣାକୁ ଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଆଣି ପୋଲିସରେ ଜିମା ଦେଇଥିଲେ। ହେଲେ ପୋଲିସ ତାଙ୍କୁ ପଚରାଉଚରା କରି ଛାଡ଼ି ଦେଇଥିବା ସେମାନେ କହିଛନ୍ତି। ଏନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଏହି ଘଟଣାର ତଦନ୍ତ ଚାଲିଛି। ଅଭିଯୋଗ ଆଧାରରେ ଏକ ନିଖୋଜ ମାମଲା ରୁଜୁ ହୋଇଛି। ଖୁବଶୀଘ୍ର ତାଙ୍କ ନାବାଳିକା ଝିଅଙ୍କୁ ଠାବ କରାଯିବ। ସୂଚନା ଅନୁଯାୟୀ, ଅକ୍ଟୋବର ୨୭ରେ ୟୁନିଟ୍-୬ ଗାର୍ଲ୍‌ସହାଇସ୍କୁଲ ଯାଇ ଆଉ ଫେରିନ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଂଯୁକ୍ତା



@ ଦୀପକ



@ ପ୍ରତୀକ୍ଷା



@ ପ୍ରସନ୍ନ



@ ସ୍ମୃତି



@ ସନ୍ତୋଷ

## ସରକାରୀ ଜମିରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ଶହୀଦନଗର ଅଞ୍ଚଳରେ ଥିବା ସରକାରୀ ଜମିରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦୁଇଟି ସରକାରୀ ପ୍ଲଟରେ ଗଢ଼ି ଉଠିଥିବା ବେଆଇନ ଘର ଓ ଦୋକାନଗୁଡ଼ିକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଭଙ୍ଗାଯାଇଛି।

ସୂଚନା ଅନୁଯାୟୀ, ଶହୀଦ ନଗରର ପ୍ଲଟ ନମ୍ବର-୫୯୨ରେ ବେଆଇନ ଭାବେ ୫ଟି ଆଜବେଷ୍ଟସ ଘର ନିର୍ମାଣ ହୋଇଥିଲା। ଏହି ସରକାରୀ ପ୍ଲଟ ୦.୧୦୬ ଡିସିମିଲ ଅର୍ଥାତ ୫ହଜାର ବର୍ଗଫୁଟ ପରିମିତ ଅଞ୍ଚଳ। ସେହିପରି ପ୍ଲଟ ନଂ-୨୪୫ରେ କେତେଜଣ ବ୍ୟକ୍ତି କବ୍‌ଜା କରି ଘର ନିର୍ମାଣ କରିଥିଲେ। ଏହି ପ୍ଲଟରେ ୧୫ଟି ଆଜବେଷ୍ଟସ ଘର ଓ ଗୋଟିଏ କ୍ୟାବିନ ବେଆଇନ ଭାବେ ନିର୍ମାଣ ହୋଇଥିଲା। ଏନେଇ ପୂର୍ବରୁ ବିଡିଏ ପକ୍ଷରୁ ନୋଟିସ ଜାରି ହୋଇଥିଲେ ମଧ୍ୟ ସମ୍ପୃକ୍ତ ବାସିନ୍ଦା ଜାଗା ଖାଲି କରି ନ ଥିଲେ। ତେଣୁ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଜବରଦଖଲକାରୀଙ୍କୁ ହଟାଯାଇଛି। ଏହାଦ୍ୱାରା ପ୍ରାୟ ୪୫୦୦ ବର୍ଗଫୁଟର ସରକାରୀ ଜମିକୁ ବିଡିଏ ନିଜ ଅକ୍ତିଆରକୁ ଆଣିପାରିଛି। ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଏବଂ ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ। ସେହିପରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଶଙ୍କାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଦ୍ୟନାଥ ଖିଲାରଙ୍କୁ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯାଉଛି।





ଦୀପାବଳି ଉପଲକ୍ଷେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।



ଖୋର୍ଦ୍ଧା ସିଗ୍ମା ସ୍କୁଲର ଛାତ୍ରୀଛାତ୍ରମାନେ ମଙ୍ଗଳବାର ମୁରୁଜରେ ରଙ୍ଗବେରଙ୍ଗ ଫୁଲ, ଦୀପ ସହ ଭାରତମାତା ଅଙ୍କନ କରି ଦୀପାବଳି ପାଳନ କରୁଛନ୍ତି।

## 'ଗାନ୍ଧିଜୀଙ୍କ ଆଦର୍ଶ ପ୍ରଚାରରେ ଜୀବନକୁ ଉତ୍ସର୍ଗ କରିଥିଲେ ସୁବାରାଓ'

**କଟକ ଅଫିସ:** ବିଶିଷ୍ଟ ଗାନ୍ଧିବାଦୀ ନେତା ଏସ୍.ଏନ୍. ସୁବାରାଓଙ୍କ ବିୟୋଗରେ କଟକ ଦେଉଳ ସାହିସ୍ଥିତ ବାପୁଜୀ ଶିକ୍ଷା ନିକେତନଠାରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସର୍ବୋଦୟ ମଣ୍ଡଳର କଟକ ଜିଲା ସଭାପତି କୈଳାସ ଚନ୍ଦ୍ର ବରାଳ ଯୋଗଦେଇ କହିଥିଲେ, ଗାନ୍ଧିଜୀଙ୍କ ଆଦର୍ଶକୁ ପ୍ରଚାର ପ୍ରସାର ନିମନ୍ତେ ସୁବାରାଓ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବାପୁଜୀ ଶିକ୍ଷା ନିକେତନର ଅଧକ୍ଷ ଅଶୋକ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଅର୍ଦ୍ଧେନ୍ଦୁ ଶେଖର ଭୋଳ, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଡ. ବସନ୍ତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

କଟକ

- ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ସହସ୍ର ଦୀପଦାନ ଉତ୍ସବ, ସ୍ୱର୍ଗଧାମ ପରିସର, ଖାନନଗର, ଅପରାହ୍ନ ୪ଟା ୩୦ ।

## ଭଜନ ସମ୍ରାଟ୍‌ଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୨।୧୧:** ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧବାର୍ଷିକୀ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ଖାନ୍‌ନଗରସ୍ଥିତ ଭିକାରୀ ବଳ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ତଥା ଖବରଦାତା ଅରୁଣ ପଣ୍ଡା ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ସୁନାମଣି ରାଉତ ଶ୍ରଦ୍ଧାଞ୍ଜଳି ସଭାକୁ ପରିଚାଳନା କରିଥିଲେ। ଏଥିରେ ଇଂ. ପ୍ରଭାକର ସ୍ୱାଇଁ, ବୈଜୟନ୍ତୀ ମିଶ୍ର, ଗୌରହରି ଦଳାଇ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ତରୁଣ ସାହୁ, ସଞ୍ଜିତ ପଟ୍ଟନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ୟଙ୍ଗକବି ଡ. ଧର୍ମଛଡା, କଳ୍ପନା ବଳ, ଅଶୋକ ବଳ , ଅମିୟ ବଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶିବିରରୁ ୧୧୫୦ ୟୁନିଟ୍ ରକ୍ତ ସଂଗ୍ରହ

**କଟକ ଅଫିସ,୨।୧୧:** ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ମଙ୍ଗଳବାର କଟକ ରାଣୀହାଟ ମାଳିସାହିଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ଜନତା ଦଳର କଟକ ମହାନଗର ସଭାପତି ମନୋଜିତ୍ ଦାସଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ୭୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁବାସ ସିଂ, ଓଡ଼ିଶା ମୋ ପରିବାରର ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଅରିନ୍ଦମ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତ ୨୯ ତାରିଖରେ ନୂଆପଡାସ୍ଥିତ ସମ୍ପିତ ପ୍ୟାଲେସ, ୩୦ ତାରିଖରେ କଳିଙ୍ଗ ଗେଷ୍ଟ ହାଉସ ଓ ୩୧ ତାରିଖରେ ସିଡିଏ ସନ୍ତୁକା ପ୍ୟାଲେସରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୭୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ସଫେଇ କାର୍ଯ୍ୟକ୍ରମ

**କଟକ ସଦର,୨।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ବିରିବାଟିସ୍ଥିତ ରତ୍ନାକର ବିଦ୍ୟାମନ୍ଦିର ପରିସରରେ ଚାରାରୋପଣ ଓ ସଫେଇ ସହ ସ୍ଥାନୀୟ ତାରିଣୀ ମନ୍ଦିର ପରିସର ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ମୋ' ପରିବାରର ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମନୋରଞ୍ଜନ ମହାନ୍ତି, ଅମିତ ମହାନ୍ତି, ବିକ୍ରମ ରଣଜିତ୍ ପଟ୍ଟନାୟକ, ଆଞ୍ଜନେୟ ମହାନ୍ତି, ଅଜୟ ଜେନା, ଅବିନାଶ ବାରିକ, ସାରଦା ପଟ୍ଟନାୟକ, ଆଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ସମନ୍ୱୟ ବୈଠକ

**ଫୁଲନଖରା,୨।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମ ୪ନଂ. ୱାର୍ଡ ନଖରା ଗ୍ରାମସ୍ଥିତ ବିଶ୍ୱକେଶନ ପ୍ରତିଭା ଭବନଠାରେ ଓଡ଼ିଶା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଅଧାପକ-କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଆଲୋଚନା ହୋଇଥିଲା। ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଅଧାପକ ପୁନ୍ୟଦର୍ଶନ ସାହୁ ଓ ମାଧବ ମାଝି ଯୁଗ୍ମ ଆବାହକ ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟ ଉପଦେଷ୍ଟା ଭାବେ ସଂଘ ସଭାପତି ଯୁଧିଷ୍ଠିର ଖଟୁଆ, ସାଧାରଣ ସମ୍ପାଦକ ଡ. ବ୍ରଜକିଶୋର ନାୟକ ଓ ସଙ୍ଗଠନ ସମ୍ପାଦକ ଅରୁଣ ମହାରଣା ମନୋନିତ ହୋଇଛନ୍ତି। ବୈଠକରେ ଭଗବାନ କୋଦମସିଂ, ମନୋଜ ବାରିକ, ରବୀନ୍ଦ୍ର ସାମନ୍ତରାୟ, ଚିନ୍ମୟ ପରିଡା, ରଶ୍ମିତା ନନ୍ଦୀ, ସର୍ବେଶ୍ୱର ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବର୍ଗରରେ ଏକ୍ସପାଏରି ପାଉଁରୁଟି

**କଟକ ଅଫିସ,୨।୧୧**

- ୨ ସ୍ଥାନରେ ସିଏମ୍‌ସି ଚଢାଉ
- ମଇଦାରେ ପ୍ରସ୍ତୁତ ଲଡ୍ଡୁ
- ୧୫ ହଜାର ଜରିମାନା

ସହରର ବିଭିନ୍ନ ସ୍ଥାନରେ ବାସି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ଏହାକୁ ବିକ୍ରି କରି ହୋଟେଲ ମାଲିକମାନେ ଲାଭବାନ ହେଉଛନ୍ତି। ଲୋକମାନେ ଏହାକୁ ଖାଇବା ଦ୍ୱାରା ପେଟ ଖରାପ ହେଉଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଉଛି। ଦୋକାନରୁ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଉଛି। ହେଲେ ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏହାର ସୁଯୋଗ ନେଇ ହୋଟେଲ ମାଲିକମାନେ ଏଭଳି ବ୍ୟବସାୟ ଚଳାଉଛନ୍ତି। ତୁରନ୍ତ ଏ ଦିଗରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଦୃଢ ପଦକ୍ଷେପ ନିଆଯିବା ପାଇଁ ସହରବାସୀ ଦାବି କରିଛନ୍ତି।

ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ସହରର ଦୁଇଟି ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଖାଦ୍ୟ ଜବତ କରାଯାଇଛି। ପରେ ତାହାକୁ ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି।

ବାଦାମବାଡିସ୍ଥିତ କେଏଫ୍‌ସିରେ ବାସୀ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ନେଇ ଗ୍ରାହକମାନେ ଅଭିଯୋଗ କରିଥିଲେ। ଫଳରେ ସିଏମ୍‌ସି ପକ୍ଷରୁ ସେଠାରେ ଚଢାଉ କରାଯାଇଥିଲା। ଯାଞ୍ଚବେଳେ ବର୍ଗର ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପାଉଁରୁଟି (ବର୍ନ)ର ଏକ୍ସପାରି ତାରିଖ ଶେଷ ହୋଇଯାଇଥିବା ଜଣାପଡିଥିଲା। ସେହିପରି କ୍ରିସ୍‌ପି ଚିକେନ ପାଇଁ ବ୍ୟବହାର ହେଉଥିବା ଚିକେନର ପ୍ରସ୍ତୁତି ତାରିଖ ଉଲ୍ଲେଖ ନ ଥିଲା। ଫଳରେ ସେଠାରୁ ପ୍ରାୟ ୨୫ କିଲୋଗ୍ରାମର ବନ୍ ଓ ଚିକେନକୁ ନଷ୍ଟ କରାଯାଇଛି ।



ସିଏମ୍‌ସି ପକ୍ଷରୁ ପାଉଁରୁଟି ଯାଞ୍ଚ ହେଉଛି।

ଜଗତପୁରସ୍ଥିତ ଏକ ମିଠା ତିଆରି କାରଖାନାରେ ମଧ୍ୟ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଇଥିଲା । ଯାଞ୍ଚବେଳେ ସେଠାରେ ଲଡ୍ଡୁ ତିଆରି ପାଇଁ ବେସନ ବଦଳରେ ମଇଦା ବ୍ୟବହାର କରାଯାଉଥିବା ଜଣାପଡିଥିଲା। ଏପରିକି ଲଡ୍ଡୁରେ ଅତ୍ୟଧିକ ରଙ୍ଗ ଓ ଆରାରୋଟ ମିଶାଯାଉଥିଲା, ଯାହା ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅଥୋରିଟି ଅଫ୍ ଇଣ୍ଡିଆ (ଏଫଏସ୍ଏସ୍ଏଆଇ) ନିୟମକୁ ଉଲ୍ଲଂଘନ କରୁଛି। ଏଥିଯୋଗୁ ସେଠାରୁ ୨୦ କିଲୋଗ୍ରାମ ଲଡ୍ଡୁ ଓ ୨ କୁଇଣ୍ଟାଲ କଞ୍ଚାମାଲ ଜବତ କରାଯିବା ସହ ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।



ଉତ୍କଳିକା ପକ୍ଷରୁ ଭୁବନେଶ୍ୱର ଏକାମ୍ର ହାଟରେ ଖୋଲିଥିବା ଓଡ଼ିଶା ହସ୍ତଶିଳ୍ପର ସ୍ୱତନ୍ତ୍ର ବଜାରରେ ଜଣେ ମହିଳା ନିଜ ପସରା ମେଲାଇଛନ୍ତି।

## ଭାଜପା ଛାଡ଼ିଲେ ଜିଲାପରିଷଦ ସଭ୍ୟ

**ନିଶ୍ଚିନ୍ତକୋଇଲି,୨।୧୧(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀର ଭାଜପା ଜିଲାପରିଷଦ ସଭ୍ୟ ମଙ୍ଗଳବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ହେଲେ ୨୬ ନଂ. ଜୋନର ଜିଲା ପରିଷଦ ସଭ୍ୟ ସେକ୍ ଜାହିର ମହମ୍ମଦ। ଏହି ଇସ୍ତଫାପତ୍ର ସେ ଦଳର ରାଜ୍ୟ ମୁଖ୍ୟଙ୍କ ନିକଟକୁ ପଠାଇ ଦେଇଛନ୍ତି ବୋଲି କହିଛନ୍ତି। ଦୀର୍ଘ ଦିନ ହେବ ଦଳର ବରିଷ୍ଠ ନେତାମାନେ ତାଙ୍କୁ ଉପେକ୍ଷିତ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକରୁ ଏକମାତ୍ର ଭାଜପା ପ୍ରାର୍ଥୀଭାବେ ସେ ଜିଲାପରିଷଦ ସଭ୍ୟ ପଦ ଜିତିଥିଲେ। ଆଗାମୀ ଦିନରେ ଜାହିର ବିଜେଡିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ବିଧାୟକଙ୍କ ଘରୁ ଚୋରି ଘଟଣା: ୨ ଗିରଫ

**କଟକ ଅଫିସ,୨।୧୧**

ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ମହାନଦୀ ବିହାରସ୍ଥିତ ଘରୁ ଚୋରି କରିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଙ୍କୀ ଥାନା ଅଧୀନ ତେଲିସାହିର ବିପିନ ପରମାଣିକ ଓ ଜଟଣୀ ଥାନା ଅରଗଳର ଦୀପକ ସାହୁ। ସେମାନଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଗତ ଅକ୍ଟୋବର ୧୦ ତାରିଖରେ ଉକ୍ତ ଘରୁ ଲାପ୍‌ଟପ୍ ଓ ମୋବାଇଲ ଚୋରି ହୋଇଥିବା ନେଇ ସୌଭିକ୍‌ଙ୍କ ଭଉଣୀ ସ୍ୱାତୀସ୍ନିଗ୍ଧା ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଗୋଇନ୍ଦା ତଥ୍ୟ ଆଧାରରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଂଯୁକ୍ତା



@ ଦୀପକ



@ ପ୍ରତୀକ୍ଷା



@ ପ୍ରସନ୍ନ



@ ସ୍ମୃତି



@ ସନ୍ତୋଷ

# ପଞ୍ଚାୟତିରାଜ ବିଭାଗର ତଦନ୍ତ

**ବାଙ୍କୀ,୨।୧୧(ସ୍ୱ.ପ୍ର.)**

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଅଭିଯୋଗ

ଡମପଡା ବ୍ଲକର କୁସୁପଙ୍ଗୀ, ଦୁଲଣାପୁର, ପାଥପୁର, ତାଳବସ୍ତର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଅଭିଯୋଗ କରିଥିଲେ। ସେ ଏ ସମ୍ପର୍କରେ ଜିଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏବଂ ୫-ଟି ସଚିବଙ୍କୁ ଅବଗତ କରାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମଙ୍ଗଳବାର ତଦନ୍ତ କରାଯାଇଛି। ଉପଶାସନ ସଚିବ ତ୍ରିଲୋଚନ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଡମପଡା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛି। ଏହି ଟିମ୍‌ରେ ପଞ୍ଚାୟତିରାଜ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଦୋଷ କୁମାର ଦାଶ ଓ କମ୍ପ୍ୟୁଟର ସହାୟକ ରଶ୍ମିରଞ୍ଜନ ମିଶ୍ର, ପ୍ରୋଗ୍ରାମ ମ୍ୟାନେଜର ଶୋଭନ କୁମାର ଧଳ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ କାର୍ଯ୍ୟାଳୟରେ ଉପରୋକ୍ତ ୪ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ପ୍ରକଳ୍ପଗୁଡ଼ିକର ଫାଇଲ ଦେଖିଥିଲେ। ଏହାପରେ ତଦନ୍ତ ପାଇଁ ସେସବୁ ପଞ୍ଚାୟତକୁ ଯାଇଥିଲେ। ପ୍ରଥମେ ସେମାନେ ଦୁଲଣାପୁର ପଞ୍ଚାୟତକୁ ଆସି ସରପଞ୍ଚ ସୁନୀଲ ସାହୁଙ୍କୁ ସାଙ୍ଗରେ ନେଇ ଦୁର୍ନୀତି ଅଭିଯୋଗ ହୋଇଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ଏଥିସହ ଅନ୍ୟ ପଞ୍ଚାୟତଗୁଡ଼ିକୁ ଯାଇ ଅଭିଯୋଗର ଯାଞ୍ଚ କରିଥିଲେ। ସେମାନଙ୍କର ଏହି ଗସ୍ତ ସମୟରେ ଡମପଡା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଭାତ ରାଉତ, ଏପିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଡମପଡା ବ୍ଲକ କଂଗ୍ରେସ ସଭାପତି ଅସିତ ବରଣ ପଟ୍ଟନାୟକ,କୁବେର ଚୌଧୁରୀ, ଆଲୋକ କୁମାର ସାହୁ, ବାବୁ ଦାସ ଓ ବାବୁଲି ଦଳେଇ ପ୍ରମୁଖ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ। ଏହି ଦୁର୍ନୀତି ସମ୍ପର୍କରେ ଭାଜପା ପକ୍ଷରୁ ଶୁଭ୍ରାଂଶୁ ମୋହନ ପାଢ଼ୀ ପୂର୍ବରୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଥିଲେ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ବିକ୍ଷୋଭ

**ବାଙ୍କୀ,୨।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ପକ୍ଷରୁ ବାଙ୍କୀ ଓ ବୈଦେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିସହ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ଉଭୟ ଥାନାରେ ଏତଲା ଦିଆଯାଇଛି। ଭାଜପା କୃଷକମୋର୍ଚ୍ଚାର କାର୍ଯ୍ୟକାରୀ କମିଟି ସଭ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଦଳର ବାଙ୍କୀ ନଗର ସଭାପତି ସଞ୍ଜୟ ରଣା, ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, କଳାପଥର ମଣ୍ଡଳ ସଭାପତି ସୁଶାନ୍ତ ଭଞ୍ଜ, ଗୋପାଳପୁର ମଣ୍ଡଳ ସଭାପତି ବିପ୍ରବର ଲେଙ୍କା, ଡମପଡ଼ା ମଣ୍ଡଳ ସଭାପତି ବିନୋଦ ଦାସ, ବ୍ରହ୍ମପୁରା ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ସାହୁ, ରାଜ୍ୟ ଭାଜପା କାର୍ଯ୍ୟକାରୀ କମିଟି ସଭ୍ୟ ଲକ୍ଷ୍ମୀଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବେଆଇନ ବାଣ ବିକ୍ରି, ଜଣେ ଗିରଫ

**କଟକ ଅଫିସ,୨।୧୧**

ବାଣ ବିକ୍ରିକୁ ରାଜ୍ୟ ସରକାର ବ୍ୟାନ୍ କରିଛନ୍ତି। କେବଳ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି ରହିଛି। ବେଆଇନ ବାଣ ବିକ୍ରି ଅଭିଯୋଗରେ ଜଗତପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଏହି ଥାନା ଥାନା ଅଧୀନ ପଦ୍ମପୁର ଗ୍ରାମର ଫକୀର ଚରଣ ନାୟକ। ତାଙ୍କଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ସେହିପରି ବେଆଇନ ବାଣ ବିକ୍ରି ଅଭିଯୋଗରେ ବାଦାମବାଡି ପୋଲିସ ଝାଞ୍ଜିରୀମଙ୍ଗଳା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ତାଙ୍କଠାରୁ ପ୍ରାୟ ୫୦ ହଜାର ଟଙ୍କାର ବାଣ ଜବତ କରାଯାଇଛି। ଉଭୟଙ୍କ ନିକଟରେ ବାଣ ବିକ୍ରି କରିବାପାଇଁ ଅନୁମତି ମଧ୍ୟ ନ ଥିବା ପୋଲିସ କହିଛି।

## ବିଜେଡି କର୍ମୀ ସମ୍ମିଳନୀ

**କଣ୍ଟାପଡା,୨।୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅଧୀନ ଉରାଢ ପଞ୍ଚାୟତର ମା' ସପ୍ତଫେଣୀ ପୀଠରେ ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ ମଲ୍ଲିକ ଯୋଗଦେଇ ଅନ୍ୟଦଳର କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ବିଜେଡି ନେତା ପିୟୁଷ ମିଶ୍ର, କୈଳାସ ମହାରଣା, ନକୂଳ ରାଉତ, ବିଭୂତି ସ୍ୱାଇଁ, ସଞ୍ଜିବ ପ୍ରଧାନ, ପ୍ରମୋଦ ରାଉତଙ୍କ ସମେତ ବହୁ ସଂଖ୍ୟକ ବିଜେଡି କର୍ମୀ ଯୋଗଦେଇଥିଲେ।

# ରେଳଧାରଣାରୁ ମୃତଦେହ ଜବତ

**ଖୁଣ୍ଟୁଣୀ, ୨।୧୧(ଡି.ଏନ୍.ଏ.)**

ଛଅଗାଁ-ମଚ୍ଛପୁର ରେଳଷ୍ଟେଶନ ମଧ୍ୟବର୍ତ୍ତୀ ଗୋବରା ଲେଭଲ କ୍ରସିଂ ନିକଟ ରେଳଧାରଣା ପାର୍ଶ୍ୱରୁ ମଙ୍ଗଳବାର କଟକ ଜିଆରପି ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ଗ୍ରାମର ରାଜେନ୍ଦ୍ର ଖଟୁଆ। ସକାଳେ ମୃତଦେହ ପଡିଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ଗୁରୁଡିଝାଟିଆ ଆଇଆଇସି ରଞ୍ଜନ କୁମାର ପ୍ରଧାନଙ୍କୁ ଫୋନ୍‌ରେ ଜଣାଇଥିଲେ। ପରେ ଆଇଆଇସି ପ୍ରଧାନ ଛଅଗାଁ ଷ୍ଟେଶନ କର୍ତ୍ତୃପକ୍ଷଙ୍କ ଜରିଆରେ କଟକ ଜିଆରପି ଥାନାକୁ ସୂଚନା ଦେଇଥିଲେ। ଅପରାହ୍ନ ସାଢେ ୪ଟାରେ କଟକ ଜିଆରପି ଅଧିକାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲେ। ରାଜେନ୍ଦ୍ରଙ୍କ ମୁଣ୍ଡ, ମୁହଁ ଓ ଶରୀରରେ କ୍ଷତ ଚିହ୍ନ ରହିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ଜିଆରପି ଆଇଆଇସି ଉମାକାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬୧/୨୧) ରୁଜୁ ହୋଇଛି।



ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଦ୍ୟନାଥ ଖିଲାରଙ୍କୁ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯାଉଛି।




ଦୀପାବଳି ଉପଲକ୍ଷେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।



ଖୋର୍ଦ୍ଧା ସିଗ୍‌ମା ସ୍କୁଲର ଛାତ୍ରୀଛାତ୍ରମାନେ ମଙ୍ଗଳବାର ମୁରୁଜରେ ରଙ୍ଗବେରଙ୍ଗ ଫୁଲ, ଦୀପ ସହ ଭାରତମାତା ଅଙ୍କନ କରି ଦୀପାବଳି ପାଳନ କରୁଛନ୍ତି।

**ପୃଥକ୍ ଦୁର୍ଘଟଣା: ୨ ଆହତ**

ଯାଁଳା,(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ତଳଖେତା ଛକ ନିକଟରେ ମଙ୍ଗଳବାର ଏକ ବାଇକ୍ ଉପରେ ଟ୍ୟାଙ୍କର ଚଢ଼ିଯିବାରୁ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଗୁଡୁମୁ ଅଞ୍ଚଳର ରୂପ ସାହୁ। ସୂଚନା ମୁତାବକ, ଇନ୍ଫୋସିଟି ୨ ରାସ୍ତାରୁ ଏକ ଟ୍ୟାଙ୍କର ରାଜପଥକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ବାଇକ୍ ଉପରେ ଚଢ଼ି ଯାଇଥିଲା। ବାଇକ୍ ଚାଳକ ରୂପ ଗାଡ଼ିରୁ ଡେଇଁ ପଡିଥିଲେ ମଧ ତାଙ୍କ ଗୋଡ଼ ଓ ମୁହଁରେ ଗଭୀର ଆଘାତ ଲାଗିଛି। ସେହିପରି ତଳଖେତା ଛକ ନିକଟରେ ଏକ ହାଇୱା ପଛରେ ଟ୍ରକ ପିଟି ହେବାରୁ ଟ୍ରକଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ତାଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ୫ ବାଣ ଗୋଦାମ ସିଲ୍

ଜଟଣୀ,୨।୧୧(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଥିବା ବାଣ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ନ ମାନି ବେଆଇନ ଭାବେ ବାଣ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ୫ଟି ବାଣ ଗୋଦାମ ସିଲ୍ କରିଛି। ପିତାପଲି, ଜଟଣୀଗେଟ (ତଳଖେତା), ଗୋବିନ୍ଦପୁର, ଜଗନ୍ନାଥପୁର ଏବଂ ପାତ୍ରପଡା ଆଦି ଅଞ୍ଚଳର ୫ଟି ବାଣ ଗୋଦାମ ସିଲ୍ କରାଯାଇଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

### 'ଅଲ୍ ସୋଲ୍‌ସ ଡେ' ପାଳିତ

ଜଟଣୀ,୨।୧୧(ଡି.ଏନ୍.ଏ.): ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଲୋକଙ୍କ ପକ୍ଷରୁ ମଙ୍ଗଳବାର 'ଅଲ୍ ସୋଲ୍‌ସ ଡେ' ପାଳିତ ହୋଇଯାଇଛି। ଜଟଣୀ ମୁଖ୍ୟ ରାସ୍ତା ନିକଟ ସମାଧି ସ୍ଥଳରେ କରୋନା କଟକଣା ମଧ୍ୟରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଲୋକଙ୍କ ପକ୍ଷରୁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଜଟଣୀ ସହର ଓ ଆଖପାଖ ଅଞ୍ଚଳରେ ରହୁଥିବା ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ସେମାନଙ୍କ ପରିବାରର ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଏହି ଡେ ପାଳନ କରାଯାଉଛି ବୋଲି ସୋସାଇଟି ସଭାପତି ଏସ୍.ଜନ୍ କହିଛନ୍ତି। ପ୍ରତିବର୍ଷ ନଭେମ୍ବର ୨ରେ ଅଲ୍ ସୋଲ୍‌ସ ଡେ ପାଳନ ହୋଇଥାଏ। ଏହି ଡେ' ପାଳନ ପୂର୍ବରୁ ସମସ୍ତେ ନିଜ ମୃତ ବ୍ୟକ୍ତିଙ୍କ ସମାଧି ସ୍ଥଳକୁ ସଫା କରି ବିଭିନ୍ନ ରଙ୍ଗ ଲଗାଇବା ସହିତ ଫୁଲରେ ସଜାଇଥା'ନ୍ତି। ସନ୍ଧ୍ୟାରେ ସାମୂହିକ ପ୍ରାର୍ଥନା ପରେ ପବିତ୍ର ଜଳ ସିଞ୍ଚନ ପରେ ସମସ୍ତେ ନିଜ ନିଜ ପୂର୍ବ ପୁରୁଷଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ସମାଧି ସ୍ଥଳରେ କ୍ୟାଣ୍ଡେଲ ଜଳାଇ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଥିଲା।

### ସ୍କୁଲ ପରିଚାଳନା କମିଟି ଗଠିତ

ବେଗୁନିଆ,୨।୧୧(ଡି.ଏନ୍.ଏ.): ବେଗୁନିଆ ବ୍ଲକ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ପ୍ରଧାନଶିକ୍ଷକ ବିଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଭ୍ୟ ଭୀମସେନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୦ଜଣ ଅଭିଭାବକ ଯୋଗ ଦେଇଥିଲେ। କଣ୍ଟାବାଡ଼ ସରପଞ୍ଚ ପ୍ରଶାନ୍ତ ବେହେରା ଉପସ୍ଥିତ ରହି କମିଟିର ମାର୍ଗଦର୍ଶନ କରିଥିଲେ। ସର୍ବସମ୍ମତିକ୍ରମେ ୧୨ଜଣ ସଭ୍ୟଙ୍କୁ ମନୋନୀତ କରାଯାଇଛି। ବଂଶୀଧର ପାଣିଗ୍ରାହୀ ସଭାପତି ଓ ରାଣୀ ମହାନ୍ତିଙ୍କୁ ଉପସଭାପତି ଭାବେ କମିଟି ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। କଣ୍ଟାବାଡ଼ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର ନାଥ ସାହୁ ବିଦ୍ୟାଳୟ ପରିଚାଳନା କମିଟି ଗଠନର ସରକାରୀ ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରାଇଥିଲେ। ନାରାୟଣ ମାନସିଂହ ସଂଯୋଜନା କରିଥିବା ବେଳେ ଉମା ବେହେରା ଧନ୍ୟବାଦ ଦେଇଥିଲେ।

### ୨୨୦ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୨।୧୧(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ ପଞ୍ଚାୟତ କାର୍ଯ୍ୟାଳୟ ଓ ମହାବିଦ୍ୟାଳୟଠାରେ ମଙ୍ଗଳବାର ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଦୁଇ ଶିବିରରେ ମୋଟ ୨୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟ ପରିସରରେ ସଫେଇ ଓ ଚାରାରୋପଣ କରାଯାଇଛି। ଏହି ଦୁଇ ଶିବିରରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଜ୍ୟୋତ୍ସ୍ନାମୟୀ ଫତେସିଂହ, ପ୍ରଭାତୀ ରାଉତରାୟ, ଉମାକାନ୍ତ ବିଶ୍ୱାଳ, ରମେଶ ଚନ୍ଦ୍ର ସାମନ୍ତରାୟ, ଜୟନାରାୟଣ ମିଶ୍ର, ସରୋଜ ମିଶ୍ର, ଉରୁକ୍ରମ ପଣ୍ଡା, ଅଜୟ ସାହୁ, ସୁକାନ୍ତ ବେହେରା, ମହେଶ୍ୱର ଜୟସିଂହ, ଶୈଳବାଳା ବାହିନୀପତି, ସରୋଜିନୀ ପରିଡ଼ା, ସୋନାଲି ଗୁମାନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

## ମେଡିକାଲ ପରିସରରେ ଉତ୍ତେଜନା

ଖୋର୍ଦ୍ଧା ଅଫିସ,୨।୧୧

ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରା(୨୬)। ଏନେଇ ମେଡିକାଲ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସା ଅବହେଳାରୁ ତାଙ୍କ ଭାଇଙ୍କ ମୃତ୍ୟୁ ଘଟିଛି ବୋଲି ଡମ୍ବରୁଧର ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପଟେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

ଡମ୍ବରୁଧରଙ୍କ କହିବାନୁଯାୟୀ, କୃଷ୍ଣଚନ୍ଦ୍ରଙ୍କ ପିଚାରେ କୌଣସି କୀଟ ଦଂଶନରୁ ଘା' ହୋଇ ପଚିଯାଇଥିଲା। ଏହାର ଚିକିତ୍ସା ଲାଗି ତାଙ୍କୁ ଗତ ଶୁକ୍ରବାର ସର୍ଜରି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତାଙ୍କର ହିମୋଗ୍ଲୋବିନ କମ୍ ଥିବାରୁ ଡାକ୍ତର ତାଙ୍କୁ ରକ୍ତ ଦିଆଯିବା ନେଇ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କୁ ୩ଟି ରକ୍ତ ଦିଆଯାଇଥିଲା। ସୋମବାର ଅପରାହ୍ନ ୨ଟାରେ ପୁଣି ଏକ ବ୍ଲଡ ଆଣିବା ପାଇଁ ଡାକ୍ତର ପରାମର୍ଶ ଦେବାରୁ କୃଷ୍ଣଚନ୍ଦ୍ରଙ୍କ ଭାଇ ପୁଣି ଏକ ବ୍ଲଡ ଆଣି ଅପରାହ୍ନ ୩ଟାରେ ଦେଇଥିଲେ। ବ୍ଲଡ ଦେବା ପାଇଁ ଅନୁରୋଧ ସତ୍ତ୍ୱେ ଡ୍ୟୁଟିରେ ଥିବା କେହି ନର୍ସ କିମ୍ବା ସ୍ୱାସ୍ଥ୍ୟକର୍ମୀ ଶୁଣିନଥିଲେ। ମଙ୍ଗଳବାର ଅପରାହ୍ନ ୩ଟା ପରେ ବ୍ଲଡ ତାଙ୍କୁ ଦିଆଯାଇଥିଲା। ବ୍ଲଡ ଦିଆଯିବାର ୧୦ ମିନିଟ ପରେ ହଠାତ୍ ସେ ଥରିବାକୁ ଲାଗିଥିଲେ। ଏହି ସମୟରେ ସେଠାରେ ଡ୍ୟୁଟିରେ କୌଣସି କର୍ମଚାରୀ ଉପସ୍ଥିତ ନ ଥିଲେ। ଡାକ୍ତର ପହଞ୍ଚିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ପଚାରିବାରୁ ହୃଦ୍‌ଘାତରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି ବୋଲି କହିଥିଲେ। ଏହି ରକ୍ତ କୌଣସି ନମୁନା ପରୀକ୍ଷା ନ କରି ଦିଆଯିବା ଯୋଗୁ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଖବରଲେଖା ହେବା ପର୍ଯ୍ୟନ୍ତ ୱାର୍ଡରେ କୃଷ୍ଣଚନ୍ଦ୍ରଙ୍କ ମୃତଦେହ ପଡ଼ିରହିଛି। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର, ନର୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୃତକଙ୍କ ପରିବାର ଦାବି କରିଛନ୍ତି। ଏନେଇ ଖୋର୍ଦ୍ଧା ମେଡିକାଲର ଡିଏମ୍‌ଓ ବିଶ୍ୱରଞ୍ଜନ ମିଶ୍ରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।



ଉତ୍କଳିକା ପକ୍ଷରୁ ଭୁବନେଶ୍ୱର ଏକାମ୍ର ହାଟରେ ଖୋଲିଥିବା ଓଡ଼ିଶା ହସ୍ତଶିଳ୍ପର ସ୍ୱତନ୍ତ୍ର ବଜାରରେ ଜଣେ ମହିଳା ନିଜ ପସରା ମେଲାଇଛନ୍ତି।

# 'ତମାଖୁ ନିୟନ୍ତ୍ରଣ ଲାଗି ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କର'

## ଜିଲାସ୍ତରୀୟ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ

ଖୋର୍ଦ୍ଧା ଅଫିସ,୨।୧୧

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧକ୍ଷତା କରି ତମାଖୁ ନିୟନ୍ତ୍ରଣ ଲାଗି ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରିବାକୁ କହିଥିଲେ।

ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ଦାଶ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିବର୍ଷ ଭାରତରେ ତମାଖୁ ସେବନ ଦ୍ୱାରା ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ଧୂମପାନ ଓ ତମାଖୁ ସେବନ କରୁଥିବା ଲୋକ ମୁଖଗହ୍ୱର କର୍କଟ ରୋଗରେ ପୀଡିତ ସମ୍ଭାବନା ଅଧିକ ରହିଛି। ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ଜିଲାସ୍ତରରେ ଜିଲାପାଳଙ୍କ ଅଧକ୍ଷତାରେ ତମାଖୁ ନିୟନ୍ତ୍ରଣ କମିଟି ଗଠନ କରାଯାଇଛି। ଜିଲାସ୍ତରରେ ମଧ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ ହୋଇଛି। ତମାଖୁ ନିୟନ୍ତ୍ରଣ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ଦୋକାନ ରହିବ ନାହିଁ। ତେବେ ଜିଲାର ୪୪ଟି ହାଇସ୍କୁଲ ଓ ୨ଟି କଲେଜରେ ତମାଖୁ ନିୟନ୍ତ୍ରଣ ସମ୍ପର୍କରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକୃତ ପଦାଧିକାରୀ ଭୁବନେଶ୍ୱର ସତ୍ୟଜିତ ପଟେଲ ତମାଖୁ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଜିଲାକୁ ତମାଖୁମୁକ୍ତ କରିବା ପାଇଁ ଲୋକମାନେ ସଚେତନ ହେବା ସହ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଏନ୍‌ସିଡି ସୁଦୀପ୍ତା ସେନାପତି ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବୈଠକରେ ପୋଲିସ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଏକାଥରେ ଦୁଇ ହାତରେ ଲେଖୁଛନ୍ତି ମୁସ୍କାନ୍

ଖୋର୍ଦ୍ଧା ଅଫିସ,୨।୧୧

- ୫ଟି ଭାଷାରେ ରହିଛି ପାରଦର୍ଶିତା
- ଗିନିଜ ବୁକ୍ ରେକର୍ଡ୍ସରେ ସ୍ଥାନ ପାଇବା ଲକ୍ଷ୍ୟ



ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ଆପେ ଆପେ ମିଳିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ଗ୍ରାମର ମୁସ୍କାନ୍ ତେହସିନ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ପଦାର୍ଥ ବିଜ୍ଞାନ ଶେଷ ବର୍ଷର ଛାତ୍ରୀ। ଦୁଇ ହାତରେ କଲମ ଧରି ନିର୍ଭୁଲ ଭାବେ ୨ଟି ଭାଷାରେ ଲେଖିପାରନ୍ତି। ଏଥିସହ ସେ ଓଡ଼ିଆ, ଇଂଲିଶ୍, ହିନ୍ଦୀ, ସଂସ୍କୃତ ଏବଂ ଉର୍ଦ୍ଦୁ ଭାଷାରେ ଓଲଟା ଅକ୍ଷରରେ ଲେଖି ନିଜର ପାରଦର୍ଶିତାର ପରିଚୟ ଦେଇଛନ୍ତି। ଦର୍ପଣ ଛବି (ମିରର ରାଇଟିଂ)ରେ ଲେଖି ସେ ବେଶ ପାରଙ୍ଗମ। ତାଙ୍କର ଏହି ଅନନ୍ୟ ପ୍ରତିଭା ସମସ୍ତଙ୍କଠାରୁ ଅଲଗା ଭାବେ ଗଢ଼ି ତୋଳିଛି। ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାବେଳୁ ତାଙ୍କର ଏହି ପ୍ରତିଭା ବିକଶିତ ହୋଇଥିଲା। ବୟସ ବଢ଼ିବା ସହିତ ଏହା ତାଙ୍କର ନିଶାରେ ପରିଣତ ହୋଇଛି। ତାଙ୍କ ପ୍ରତିଭା ସମ୍ପର୍କରେ ଜଣାପଡିବା ପରେ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି।

ମୁସ୍କାନ୍‌ଙ୍କ କହିବାନୁଯାୟୀ, ଏହା ଭଗବାନ୍‌ଙ୍କ ଦାନ। ପିଲାବେଳୁ ବାମ ହାତରେ ଲେଖୁଥିଲି। ପରେ ମା' ଡାହାଣ ହାତରେ ଲେଖିବାକୁ କହିଥିଲେ। ମା'ଙ୍କ ପ୍ରେରଣାରୁ ଡାହାଣ ହାତରେ ଲେଖିବା ଆରମ୍ଭ କରିଥିଲି। ଲକ୍‌ଡାଉନ ଯୋଗୁ କଲେଜ ବନ୍ଦ ହୋଇଗଲା। ଘରେ ପାଠପଢ଼ା ସହ ଦୁଇ ହାତରେ କଲମ ଧରି ଲେଖିବା ଆରମ୍ଭ କରିଥିଲି। ଏବେ ଏହା ଅଭ୍ୟାସରେ ପରିଣତ ହୋଇଛି। ଏକା ସମୟରେ ଦୁଇ ହାତରେ କଲମ ଧରି ଦୁଇଟି ଭାଷାରେ ଯେକୌଣସି ବିଷୟକୁ ଲେଖି ପାରୁଛି। ପ୍ରଥମେ ଓଲଟା ଲେଖାଲେଖି ସମ୍ପର୍କରେ ସାଙ୍ଗସାଥୀ ଏବଂ କଲେଜ ଅଧ୍ୟାପକଙ୍କୁ ଦେଖାଇବା ପରେ ପ୍ରଶଂସା କରିଥିଲେ। ସମସ୍ତଙ୍କ ଆଶୀର୍ବାଦରୁ ଏଥିରେ ଆଗକୁ ବଢ଼ିପାରିଛି। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ସେ ଆଶା ରଖିଛନ୍ତି। ମୁସ୍କାନ୍‌ଙ୍କ ବାପା ଶେଖ୍ ସମସେର ଓ ମା' ସଞ୍ଜୁତା କୁହନ୍ତି, ମୁସ୍କାନ୍ ପିଲାଦିନରୁ ପରିଶ୍ରମୀ। ନିଜସ୍ୱ ପ୍ରଚେଷ୍ଟାରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଚାଲିଛି। ପାଠପଢ଼ା, ଘରକାମ ସହିତ ସେ ଏପରି ଲେଖାଲେଖି ଜାରି ରଖିଛି। ଆଗକୁ ଗିନିଜ୍ ବୁକ୍ ରେକର୍ଡସ୍‌ରେ ସ୍ଥାନ ପାଇବା ପାଇଁ ଚେଷ୍ଟା ଜାରି ରଖିଥିବା କହିଛନ୍ତି।

# 'ତୃଣମୂଳସ୍ତରରୁ ସଙ୍ଗଠନକୁ ଅଧିକ ସୁଦୃଢ଼ କର'

କୃଷ୍ଣପ୍ରସାଦ,୨।୧୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡାସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଜାତୀୟ କଂଗ୍ରେସ ଯୁବନେତା ସଞ୍ଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ମଙ୍ଗଳବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ନିର୍ବାନରେ କଂଗ୍ରେସ ଜିତିବା ପାଇଁ ଲଢ଼ିବ। ବୁଧବାରଠାରୁ ଏହି ନିର୍ବାଚନମଣ୍ଡଳୀର ତଳସ୍ତରରେ ନେତାମାନେ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ କହିଥିଲେ। ଏହି ବୈଠକରେ ଯୁବନେତା ବିଜ୍ଞାନ ନାୟକ, ଭାସ୍କର ପଣ୍ଡା, ସମୀର ଜେନା, ଗାନ୍ଧୀ ଚରଣ ସାହୁ, ସୁକାନ୍ତ ସେଠୀ, ଶିବ ପ୍ରସାଦ ଜେନା, କାଳିଆ ପାହାଣ, ଖଗେଶ୍ୱର ଜେନା, ନେହେରୁ ସାହୁ, ପଣ୍ଟୁ ମାଝି, ସୁରିଆ ପାହାଣଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୨ ତାରିଖରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ନିରାପଦ ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨।୧୧

ନିରାପଦ ଖାଦ୍ୟ ସମ୍ପର୍କରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧକ୍ଷତା କରିଥିଲେ। ଅଧିକୃତ ପଦାଧିକାରୀ, ଖାଦ୍ୟ ସୁରକ୍ଷା ସତ୍ୟଜିତ ପଟେଲ ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ନିରାପଦ ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ ପାଇଁ ଗୁରୁତ୍ୱ ଦିଆଯାଉଛି । ଜୀବନରକ୍ଷା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ଆବଶ୍ୟକ। ଖାଦ୍ୟ ନିରାପତ୍ତା ଆଇନ କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ବାର୍ଷିକ ୧୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ କାରବାର କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ପଞ୍ଜୀକରଣ କରିବା ଆବଶ୍ୟକ। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାତ୍ରୀ କହିଥିଲେ, ହୋଟେଲ ଓ ଢାବାରେ ଖାଦ୍ୟ ଯାଞ୍ଚ କରାଯାଉଛି। ସେମାନେ କିପରି ଭଲ ଖାଦ୍ୟ ଦେବେ, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ଖରାପ ଓ ଦୂଷିତ ଖାଦ୍ୟ ଦେଉଥିବା ହୋଟେଲ, ଢାବା ଓ ଖାଦ୍ୟ ବିକ୍ରୟକାରୀ ସଂସ୍ଥାଠାରୁ ଫାଇନ ଆଦାୟ କରାଯାଉଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପୋଲିସ ବିଭାଗ ଅଧିକାରୀ ଓ ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୋକାନରେ ଚଢ଼ାଉ, ୨ ବସ୍ତା ବାଣ ଜବତ

ବେଗୁନିଆ,୨।୧୧(ଡି.ଏନ୍.ଏ.)

ଗୋଟିଏ ଦିନ ପରେ ଆଲୋକର ପର୍ବ ଦୀପାବଳି। ବାଣ କଟକଣାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ବେଗୁନିଆ ଥାନା ଅଧୀନ ବଡ଼ବେରଣା, କଣ୍ଟାବାଡ଼ ଏବଂ ବେଗୁନିଆ ବଜାରରେ ଚଢ଼ାଉ କରାଯାଇଥିଲା। ବେଆଇନ ବାଣ ବିକ୍ରି କରୁଥିବା ଅଭିଯୋଗରେ ବଡ଼ବେରଣା ବଜାରରେ ଥିବା ଜଣେ ବ୍ୟବସାୟୀଙ୍କଠାରୁ ୨ବସ୍ତା ବାଣ ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ବେଆଇନ ବାଣ ବିକ୍ରି ଏବଂ ଫୁଟାଇବା ଉପରେ ନଜର ରଖାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସଂଯୁକ୍ତା



@ ଦୀପକ



@ ପ୍ରତୀକ୍ଷା



@ ପ୍ରସନ୍ନ



@ ସ୍ମୃତି



@ ସନ୍ତୋଷ

# ସବୁଜ ଦୀପାବଳିର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା ଅଫିସ,୨।୧୧

କରୋନା ମହାମାରୀ ପାଇଁ ଦୀପାବଳିରେ ବାଣ ଫୁଟାଇବା ଉପରେ ସରକାର କଟକଣା ଜାରି କରିଥିଲେ। ଚଳିତବର୍ଷ ସବୁଜ ବାଣ (ଗ୍ରୀନ୍ କ୍ରାକର) ଫୁଟାଇବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ସନ୍ତୁଳନ ପାଇଁ ଗ୍ରୀନ ଦୀପାବଳିର ବାର୍ତ୍ତା ଦେଇଛନ୍ତି ଖୋର୍ଦ୍ଧା ସିଗ୍‌ମା ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର। ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଏଥିଲାଗି ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ କରି ତାର ଯତ୍ନ ନେବା ଲାଗି ଆହ୍ୱାନ କରିଛନ୍ତି ଛାତ୍ରୀଛାତ୍ର। ସୋମବାର ଛାତ୍ରୀଛାତ୍ରମାନେ ସବୁଜ ଦୀପାବଳି ଉତ୍ସବ ପାଳନ କରିଛନ୍ତି। ସ୍କୁଲ ପରିସରରେ ଛାତ୍ରୀଛାତ୍ରମାନେ ମୁରୁଜରେ ରଙ୍ଗବେରଙ୍ଗ ଫୁଲ, ଦୀପ ଚିତ୍ର ସହ ଭାରତମାତା ଅଙ୍କନ କରି ଫୁଲ, ଫଳ, ଚାରା ଏବଂ ଦୀପରେ ସଜାଇ ଦୀପାବଳିକୁ ପାଳିଛନ୍ତି। ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ସାମିଲ ହୋଇଥିଲେ। ଶୁଭ୍ରାଂଶୁ ସାମନ୍ତରାୟ ସଂଯୋଜନା କରିଥିଲେ। ଦୀପାବଳିରେ ସବୁଜ ବାଣ ଫୁଟାଇବା ସହ ଦୀପ ଜାଳି ଘରକୁ ଆଲୋକିତ କରିବା ପାଇଁ ଅଧକ୍ଷା ମାର୍ଗଦର୍ଶନ କରିଥିଲେ। ସୁମିତ୍ରା ତ୍ରିପାଠୀ, ବର୍ଣ୍ଣାଳି ମାଝି, ଜୟନ୍ତୀ ବେହେରା, ଶୁଭଦର୍ଶିନୀ ଦାସ ପରିଚାଳନା କରିଥିଲେ।



ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଦ୍ୟନାଥ ଖିଲାରଙ୍କୁ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯାଉଛି।




ଦୀପାବଳି ଉପଲକ୍ଷେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।



ଖୋର୍ଦ୍ଧା ସିଗ୍‌ମା ସ୍କୁଲର ଛାତ୍ରୀଛାତ୍ରମାନେ ମଙ୍ଗଳବାର ମୁରୁଜରେ ରଙ୍ଗବେରଙ୍ଗ ଫୁଲ, ଦୀପ ସହ ଭାରତମାତା ଅଙ୍କନ କରି ଦୀପାବଳି ପାଳନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ନଭେମ୍ବର ୨୦୨୧



## ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ

**ପୁରୀ ଅଫିସ:** ପୁରୀ ପୌରାଞ୍ଚଳ ଅନ୍ତର୍ଗତ ପେଣ୍ଠକଟାଠାରେ ଏକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ ହୋଇଛି। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଶିଳାନ୍ୟାସ କରି କହିଥିଲେ, ଏହି ଅଞ୍ଚଳରେ ଚିକିତ୍ସାଳୟ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରାଥମିକ ଚିକିତ୍ସାଳୟ ହେବା ଫଳରେ ଅଞ୍ଚଳବାସୀ ସାହାଯ୍ୟ ପାଇପାରିବେ। ତେଣୁ ଯଥାଶୀଘ୍ର ଚିକିତ୍ସାଳୟର ନିର୍ମାଣ ସାରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ନେତା ଦିଗ୍‌ଦର୍ଶନ ପଟ୍ଟନାୟକ, ରାଜାରାମ ରାଓ, ପୂର୍ଣ୍ଣଚନ୍ଦ୍ର ନନ୍ଦ, ଉମାକାନ୍ତ ନାୟକ, ଜୟନ୍ତ ଦାଶ ଏବଂ ମାନସ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୧।୨୦୨୧

| | |
|---|---|
| ୪,୬୮,୮୧୩ ଟଙ୍କା | |
| ସୁନା | ୧୯.୨୫୦ ଗ୍ରାମ |
| ରୁପା | ୪୧.୫୦୦ ଗ୍ରାମ |

# କେନାଲ ଜବରଦଖଲ ଅଭିଯୋଗ

**ପିପିଲି,୨।୧୧(ସ୍ୱ.ପ୍ର.)**

### ଘଟଣାସ୍ଥଳ ଅନୁଧ୍ୟାନ କଲେ ବିଧାୟକ

ପିପିଲି ଅଞ୍ଚଳରେ ଏକ କେନାଲକୁ କେତେଜଣ ଅସାଧୁ ବ୍ୟକ୍ତି ଜବରଦଖଲ କରି ପ୍ଲଟ କରି ଦେଇଛନ୍ତି। ଏ ନେଇ ଜଳସମ୍ପଦ ବିଭାଗରେ ଅଭିଯୋଗ କରିଛନ୍ତି ମାନବ ଅଧିକାର କର୍ମୀ ଅନୁପ ପରିଡ଼ା। ଅନ୍ୟପଟେ ଏହି ଅଭିଯୋଗ ବିଷୟରେ ଜଣାପଡ଼ିବା ପରେ ମଙ୍ଗଳବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପିପିଲି ଅଞ୍ଚଳରେ ୪୫ ବର୍ଷ ପୂର୍ବରୁ ଖୋର୍ଦ୍ଧା, ପୁରୀ ଅଞ୍ଚଳର ମୁଣ୍ଡଗୋଳ, ଗଁପାଳ ପୋପରଙ୍ଗ, ବିନ୍ଧା ମୌଜାର ଅନେକ ପଞ୍ଚାୟତକୁ ଜଳ ଯୋଗାଣ କରିବା ପାଇଁ ନୂଆଗାଁ ଡ୍ରେନେଜଠାରୁ ଆରମ୍ଭ କରି ପିପିଲିର ଅନେକ ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରାୟ ୮ କି.ମି ରୁ ଊର୍ଦ୍ଧ୍ୱ ଏକ କେନାଲ ଥିଲା। ଯାହାକୁ ଧୀରେ ଧୀରେ ଅସାଧୁ ବ୍ୟକ୍ତିମାନେ ଜବଦରଖଲ କରି ପ୍ଲଟ କରିଦେଇଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଦୀର୍ଘଦିନ ହେବ ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିଲେ। ତେବେ ଏହି କଥା ସ୍ଥାନୀୟ ଅଞ୍ଚଳର ମାନବ ଅଧିକାର କର୍ମୀ ଅନୁପ ଜାଣିବା ପରେ କେନାଲ ଜବରଦଖଲ ହୋଇଥିବା ନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର, ପୁରୀ ଜିଲାପାଳ, ପିପିଲି ତହସିଲଦାରଙ୍କୁ ଚିଠି ଯୋଗେ ଅଭିଯୋଗ କରିଛନ୍ତି। ଚିଠିରେ ଦର୍ଶାଯାଇଛି ଯେ, ପିପିଲି ତହସିଲ ଅନ୍ତର୍ଭୁକ୍ତ ମୁଣ୍ଡଗୋଳା ମୌଜାର ପ୍ଲଟ ନଂ-୫୫, ଗଁପାଳ ମୌଜାର ପ୍ଲଟ ନଂ-୨, ପୋପରଙ୍ଗା ମୌଜାର ପ୍ଲଟ ନଂ-୨୭୨, ବିନ୍ଧା ମୌଜାର ପ୍ଲଟ ନଂ-୨୬୯ ରହିଛି। ହେଲେ ଖତିୟାନ ନକ୍ସାରେ ଉକ୍ତ ସବୁ ପ୍ଲଟରେ ଏକ କେନାଲ ରହିଛି। କେନାଲ ଜାଗାରେ ଏବେ ଜବରଦଖଲକାରୀଙ୍କ ଘର, ବିଭିନ୍ନ ଚାଷ ହେଉଛି। ପରେ ବିଧାୟକ ମହାରଥୀ ଏ ବିଷୟରେ ଜାଣି ଉକ୍ତ ଜାଗାର ଅନେକ ସ୍ଥାନକୁ ଅନୁଧ୍ୟାନ କରିବା ସହ ଖୁବ୍‌ଶୀଘ୍ର ସରକାରୀ ସ୍ତରରେ ଏହାର ଆଲୋଚନା କରାଯିବ ବୋଲି କହିଥିଲେ। ଅନ୍ୟପଟେ ଏ ନେଇ ପିପିଲି ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ଜ୍ୟୋତିପ୍ରକାଶଙ୍କୁ ପଚାରିବାରେ ଏ ବିଷୟରେ ଜାଣି ନ ଥିବା କହିବା ସହ ଏହି କେନାଲ ଭୁବନେଶ୍ୱର ପ୍ରାଚୀ ଡିଭିଜନ ଦାୟିତ୍ୱରେ ରହିଛି ବୋଲି କହିଥିଲେ। ସେହିପରି ତହସିଲଦାର ସପନ ନନ୍ଦ କହିଛନ୍ତି, ଏ ନେଇ ଅଭିଯୋଗ ଆସିଛି, ଖୁବ୍‌ଶୀଘ୍ର ତଦନ୍ତ କରି ଏ ଦିଗରେ ପଦକ୍ଷେପ ନିଆଯିବ।



ଉତ୍କଳିକା ପକ୍ଷରୁ ଭୁବନେଶ୍ୱର ଏକାମ୍ର ହାଟରେ ଖୋଲିଥିବା ଓଡ଼ିଶା ହସ୍ତଶିଳ୍ପର ସ୍ୱତନ୍ତ୍ର ବଜାରରେ ଜଣେ ମହିଳା ନିଜ ପସରା ମେଲାଇଛନ୍ତି।

# ବାଇଶି ପାହାଚ ପୁରୋହିତଙ୍କ ପକ୍ଷରୁ ଦାବିପତ୍ର

**ପୁରୀ ଅଫିସ,୨।୧୧**

ବାଇଶି ପାହାଚ ପୁରୋହିତ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସଠାରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଏକ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଯେ, ଦୀର୍ଘ ୧୯ ମାସ ହେବ କରୋନା ଯୋଗୁ ଶ୍ରୀମନ୍ଦିର ମଧ୍ୟରେ ବାଇଶି ପାହାଚ ପୁରୋହିତମାନେ ଶ୍ରାଦ୍ଧ କର୍ମ କରିପାରୁନାହାନ୍ତି। ଫଳରେ ସେମାନେ ଦୁଃଖରେ ଜୀବନ ନିର୍ବାହ କରୁଛନ୍ତି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଜଣାଇବାରେ ସେ ବିକଳ୍ପ ବ୍ୟବସ୍ଥା ନିମନ୍ତେ ସ୍ଥାନ ନିରୂପଣ କରିବା ପାଇଁ ଉନ୍ନୟନ ପ୍ରଶାସକଙ୍କୁ କହିଥିଲେ। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପୁରୋହିତମାନଙ୍କୁ ଡାକି ଆଲୋଚନା କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଜନଗହଳି ନ ଥିବା ସ୍ଥାନରେ ଶ୍ରାଦ୍ଧ ମଣ୍ଡପ କରିବା ପାଇଁ ପୁରୋହିତମାନଙ୍କ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯାଇଛି। ବାଇଶି ପାହାଚର ବାମ ପାର୍ଶ୍ୱ ରୋଷଶାଳା ସାମ୍ନା, ନିର୍ମାଲ୍ୟ ଖଳାର ପାର୍ଶ୍ୱ ଏବଂ ଉତ୍ତର ଦ୍ୱାରର ଯେକୌଣସି ସ୍ଥାନରେ ଶ୍ରାଦ୍ଧ ମଣ୍ଡପ କରାଯାଉ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ୬ ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଗିରଫ

**ଡେଲାଙ୍ଗ,୨।୧୧(ଡି.ଏନ.ଏ)**

ଡେଲାଙ୍ଗ ଥାନା ଅଞ୍ଚଳରୁ ପୋଲିସ ମଙ୍ଗଳବାର ୬ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଜଗନ୍ନାଥ ପାଟଣା ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳ(୩୨)। ଏ ନେଇ ଥାନାରେ ବିସ୍ଫୋରକ ଦ୍ରବ୍ୟ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଡେଲାଙ୍ଗ ଅଞ୍ଚଳରେ ବେଆଇନ ବାଣ ରଖାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ ଡ.କେ.ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ, ଡେଲାଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ଓ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ପ୍ରମୁଖ ଡେଲାଙ୍ଗ ଥାନା ଅଞ୍ଚଳରେ ମଙ୍ଗଳବାର ଚଢ଼ାଉ କରିଥିଲେ। ମାନପୁର ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅଚାନକ ଚଢାଉ କରି ସେଠାରେ ଗଚ୍ଛିତ ଥିବା ବିପୁଳ ପରିମାଣର ବାଣ ଜବତ କରିଥିଲେ। ଯାହାକୁ ଆଗାମି ଦୀପାବଳି ପର୍ବରେ ବିକ୍ରୟ କରିବା ଉଦ୍ଦେଶ୍ୟରେ ରଖାଯାଇଥିଲା। ବେଆଇନ ଭାବେ ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖିଥିବା ଲକ୍ଷ୍ମୀଧରଙ୍କୁ ପୋଲିସ ଗିରଫ କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଂଯୁକ୍ତା



@ ଦୀପକ



@ ପ୍ରତୀକ୍ଷା



@ ପ୍ରସନ୍ନ



@ ସ୍ମୃତି



@ ସନ୍ତୋଷ

## ସଂକ୍ଷେପରେ

### ଅର୍ଦ୍ଧଦଗ୍ଧ ଅବସ୍ଥାରେ ବ୍ୟକ୍ତିଙ୍କ ମୃତଦେହ ଜବତ

**ପୁରୀ ଅଫିସ,୨।୧୧:** ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଯମେଶ୍ୱର ମନ୍ଦିର ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ନିମାପଡ଼ା ଅଞ୍ଚଳର ବାବୁଲି ମହାରଣା (୪୩)। ଏ ନେଇ ପୋଲିସ ନଂ.୨୫/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାବୁଲି ଏବଂ ତାଙ୍କ ସ୍ତ୍ରୀ ଯମେଶ୍ୱର ମନ୍ଦିର ନିକଟରେ ଥିବା ତାଙ୍କ ଭଉଣୀଙ୍କ ଘର ପାଖରେ ଏକ ଭଡାଘର କରି ରହୁଥିଲେ। ମଙ୍ଗଳବାର ବାବୁଲିଙ୍କ ସ୍ତ୍ରୀ କୌଣସି କାମରେ ବାହାରକୁ ଯାଇଥିଲେ। ସେ ଫେରିବା ବେଳକୁ ଘର ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ସେ ସ୍ଥାନୀୟ ଲୋକ ଏବଂ ବାବୁଲିଙ୍କ ଭଉଣୀଙ୍କ ସହାୟତାରେ କବାଟ ଭାଙ୍ଗି ଦେଖିଥିଲେ। ବାବୁଲି ପୋଡି ହୋଇଯାଇଥିଲେ। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜବତ କରି ଚିକିତ୍ସା ପାଇଁ ସଦରମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ଗୃହକୁ ପଠାଇଥିଲେ।

### ୩ ସୁନାଚେନ ଜବତ, ଜଣେ ଗିରଫ

**ପୁରୀ ଅଫିସ,୨।୧୧:** ସୁନାଚେନ୍ ଲୁଟ କରିବା ଅଭିଯୋଗରେ ପୁରୀ ପେଣ୍ଠକଟା ମେରାଇନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ଟକରପଡାରେ ରହୁଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ଓମ୍ ପ୍ରକାଶ ସ୍ୱାଇଁ ଓରଫ ହାପି। ପୋଲିସ ଅଭିଯୁକ୍ତଙ୍କଠାରୁ ୩ଟି ସୁନାଚେନ୍ ଜବତ କରିଛି। ସୁନା ଚେନ୍‌ଗୁଡିକର ଓଜନ ଯଥାକ୍ରମେ ୧୫.୭୮୦, ୧୦.୧୫୦ ଏବଂ ୯.୧୨୦ ଗ୍ରାମ ରହିଛି। ପୋଲିସ ଏ ନେଇ ନଂ. ୮୩/୨୧ରେ ଏକ ମାମଲା ରୁଜୁ କରିଛି। ଗତ ମାସ ୩ ତାରିଖଦିନ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଷ୍ଟେସନ ରୋଡ ବାଙ୍କି ମୁହାଣ ରାମଚଣ୍ଡୀ ସାହିର ପ୍ରଭାତୀ ଦାଶ ଓ ତାଙ୍କ ସ୍ୱାମୀ ସ୍ଥାନୀୟ ମନ୍ଦିର ଆଡ଼କୁ ଯାଉଥିଲେ। ହଠାତ୍ ୨ଜଣ ଯୁବକ ବାଇକ୍‌ରେ ଆସି ପ୍ରଭାତୀଙ୍କ ବେକରୁ ସୁନା ଚେନ୍ ଓ ଲକେଟ ଛିଡାଇ ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଜଣଙ୍କୁ ଧରିଛି।

### ମା' କୁଞ୍ଜେଶ୍ୱରୀଙ୍କ ମହାଯଜ୍ଞ ପାଇଁ ଖୁଣ୍ଟି ଅନୁକୂଳ

**କଣାସ,୨।୧୧(ସ୍ୱ.ପ୍ର.):** କଣାସ ଅଞ୍ଚଳର ଆରାଧ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ୪୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୧୪ରୁ ୧୯ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଅନୁଷ୍ଠିତ ହେବ। ତେବେ ଏଥିପାଇଁ ସୋମବାର ଚିରାଚରିତ ପ୍ରଥା ଅନୁଯାୟୀ ପଣ୍ଡିତ କାଳିପ୍ରସାଦ ପରମଗୁରୁଙ୍କ ତତ୍ତ୍ୱାବଧାନରେ ହଳପ୍ରଭାବ ଓ ବିଜବପନ କାର୍ଯ୍ୟ କରାଯିବା ସହ ଯଜ୍ଞସ୍ଥଳରେ ଖୁଣ୍ଟି ଅନୁକୂଳ କାର୍ଯ୍ୟ ସମାପନ ହୋଇଯାଇଛି।

# ଜମି ବିବାଦକୁ ନେଇ ଭିଟାମାଟି ଅଧିକାର ମଞ୍ଚର ବିକ୍ଷୋଭ

**ପୁରୀ ଅଫିସ,୨।୧୧**

ଭିଟାମାଟି ଅଧିକାର ମଞ୍ଚ ତରଫରୁ ଜମିଜମା ବିବାଦକୁ ନେଇ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥାନୀୟ ନୀଳାଦ୍ରି ଭକ୍ତନିବାସ ପରିସରରେ ଚାଲିଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକକୁ ଜୋରଦାର ବିରୋଧ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଚାଲିଥିବା ସମୟରେ ଭିଟାମାଟି ଅଧିକାର ମଞ୍ଚ ପକ୍ଷରୁ ଭକ୍ତନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଘେରାଉ କରାଯାଇଥିଲା। ମଞ୍ଚର ଆବାହକ ଶ୍ରୀକାନ୍ତ ପରିଜା ଅଭିଯୋଗ କରିଥିଲେ, ପୁରୀ ସହର ତଥା ଜିଲାର ହଜାର ହଜାର ଲୋକଙ୍କ ଘରଡିହଠାରୁ ଆରମ୍ଭ କରି ଚାଷଜମି ପର୍ଯ୍ୟନ୍ତ ସମସ୍ତ ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କ ମାର୍ଫତ ପରିଚାଳନା କମିଟି ରେକର୍ଡ ରହିଛି। ୨୦୦୩ ୟୁନିଫାଏଡ ପଲିସି ମାଧ୍ୟମରେ ମାତ୍ର ୨୦୦ଲୋକଙ୍କର ରେକର୍ଡ ସଂଶୋଧନ କରାଯାଇଥିବା ବେଳେ ୧୦ହଜାର ପାଖାପାଖି ଲୋକ ଦରଖାସ୍ତ ଦେଇଥିଲେ ମଧ ତାହା ଗ୍ରହଣ କରାଗଲା ନାହିଁ ଏବଂ ରେଜେଷ୍ଟ୍ରି ବନ୍ଦ କରିଦିଆଗଲା। ବିନା କାରଣରେ ରେଜେଷ୍ଟ୍ରି ବନ୍ଦ କରାଯାଇ ପୁଣି ୨୦୧୯ର ନୂତନ ୟୁନିଫାଏଡ ପଲିସି ଆଣି ଜମିର ମୂଲ୍ୟ ମାର୍କେଟ ରେଟ ଅନୁଯାୟୀ ନୋଟିସ କରାଯାଉଛି। ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ଦରଖାସ୍ତ ଦେଇନାହାନ୍ତି। ପୁରୁଣା ଅମଳରୁ ବସବାସ କରି ଆସୁଥିବା ଲୋକ ଶ୍ରୀମନ୍ଦିର ପ୍ରଶାସନର ଭୁଲ ନିଷ୍ପତ୍ତି ପାଇଁ ଜମି ମାଲିକାନା ପାଇପାରୁ ନାହାନ୍ତି। ଫଳରେ ଲୋନ୍, ରେସିଡେଣ୍ଟ ସାର୍ଟିଫିକେଟ, ଜମି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ୨୦୧୯ ୟୁନିଫାୟାଡ ପଲିସି ରଦ୍ଦ କରିବା ସହିତ ୨୦୦୩ ୟୁନିଫାୟାଡ ପଲିସି ମାଧ୍ୟମରେ ଜମି ରେଜେଷ୍ଟ୍ରି କରି ପୁରୀବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଜମିଜମା ସମସ୍ୟାର ସମାଧାନ କରନ୍ତୁ ବୋଲି ପରିଜା ଦାବି କରିଥିଲେ। ତେବେ ମଞ୍ଚର ୫ଜଣ ପ୍ରତିନିଧି ମଣ୍ଡଳୀ ସହ ଜିଲାପାଳ ଏବଂ ଶ୍ରୀମନ୍ଦିର ରେଭେନ୍ୟୁ ଅଧିକାରୀ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ଏଥିସହ ୬ ତାରିଖରେ ଲ୍ୟାଣ୍ଡ କମିଟି ବସି ଏ ସମ୍ପର୍କରେ ଆଲୋଚନା କରାଯିବା ସହ ଶ୍ରୀମନ୍ଦିର ପରିଚାଳନା କମିଟିରେ ମଧ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେବା ପରେ ମଞ୍ଚ ଆନ୍ଦୋଳନରୁ ଓହରିଥିଲା। ବିକ୍ଷୋଭ ବେଳେ ରାଜେଶ ମିଶ୍ର, କାଳି ପ୍ରସାଦ ନାୟକ, ଭୀମସେନ ସ୍ୱାଇଁ, ପବିତ୍ର ମୋହନ ଦଳାଇ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଦେବ ପ୍ରସାଦ ଦାସ, ଘନଶ୍ୟାମ ସାହୁ, ରତ୍ନାକର ଦାସ, ରାଜ କିଶୋର ଲାଠି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ଜମି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଚକ୍ରତୀର୍ଥ ବେଳାଭୂମି ବ୍ୟବସାୟିକ ସଂଘର ବର୍ଜନ

**ପୁରୀ ଅଫିସ,୨।୧୧**

### ବ୍ଲୁ ଫ୍ଲାଗ ବିଚ୍ ବୈଠକ

ପ୍ରଶାସନ ପକ୍ଷରୁ ମଙ୍ଗଳବାର ଡକାଯାଇଥିବା ବ୍ଲୁ ଫ୍ଲାଗ ବିଚ୍ ବୈଠକକୁ ଚକ୍ରତୀର୍ଥ ବେଳାଭୂମି ବ୍ୟବସାୟିକ ମହାସଂଘ ପକ୍ଷରୁ ବର୍ଜନ କରାଯାଇଛି। ଉକ୍ତ ବ୍ୟବସାୟୀ ମହାସଂଘ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣକୁ ବିରୋଧ କରିଛି। ସଂଘ ଅଭିଯୋଗ ଅନୁଯାୟୀ, ପୁରୀ ବେଳାଭୂମିରେ ଜୀବିକା କରି ପରିବାର ଚଳାଉଥିବା ଚକ୍ରତୀର୍ଥ ବେଳାଭୂମି ଅଞ୍ଚଳର ୯ଟି ସଂଘକୁ ନେଇ ମହାସଂଘ ଗଠନ କରାଯାଇଛି। ମହାସଂଘର ଶହ ଶହ ଷ୍ଟେକ୍‌ହୋଲଡରଙ୍କ ସହ ମଙ୍ଗଳବାର ଡିଏଫ୍‌ଓ ସ୍ପେଶାଲ୍ ସର୍କିଟ ହାଉସରେ ବ୍ଲୁ ଫ୍ଲାଗ ବିଚ୍ ପାଇଁ ଡାକିଥିବା ବୈଠକକୁ ମହାସଂଘ ପକ୍ଷରୁ ବର୍ଜନ କରାଯାଇଛି। ଚକ୍ରତୀର୍ଥ ସଂଘ ପକ୍ଷରୁ ବେଳାଭୂମିରେ ବ୍ଲୁ ଫ୍ଲାର୍ଗ ବିଚ୍ କରାଇଦିଆଯିବନି ବୋଲି ସୂଚନା ଦିଆଯାଇଛି। କେତେଜଣ ବ୍ୟକ୍ତିଗତ ପୁଞ୍ଜିପତିଙ୍କୁ ନେଇ ସମୁଦ୍ରକୂଳ ବିକ୍ରି କରିବାକୁ ପ୍ରଶାସନ ମସୁଧା କରୁଛି। ସେହିପରି ବ୍ଲୁ ଫ୍ଲାଗ ବିଚ୍ ପରେ ଏବେ ନୀଳାଦ୍ରି ବିଚ୍‌କୁ ମଧ ଜଣେ ବ୍ୟକ୍ତିବିଶେଷଙ୍କୁ ପ୍ରଶାସନ ବିକ୍ରି କରିଦେଇଛି। ଉକ୍ତ ବ୍ୟକ୍ତି ଜବରଦସ୍ତି ସମସ୍ତଙ୍କଠାରୁ ଅଧା ଟଙ୍କା ଆଦାୟ କରୁଥିବାରୁ ସଂଘ ବିରୋଧ କରିଛି।

# ବିଧାୟକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ ସମୀକ୍ଷା

**କଣାସ,୨।୧୧(ସ୍ୱ.ପ୍ର.)**

କଣାସ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କଣାସ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ କଣାସ ବ୍ଲକର ୪ଟି ଗ୍ରାମପଞ୍ଚାୟତରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ବୁଲି ଅନୁଧ୍ୟାନ କରିବା ସହ କାର୍ଯ୍ୟ କେତେଦୂର ଆଗେଇଛି ତାହା କନିଷ୍ଠ ଯନ୍ତ୍ରୀମାନଙ୍କୁ ପଚାରି ବୁଝିଥିଲେ। ବିଡିଓ ଲୋଚନ ଦାସ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଆଶାକର୍ମୀ ନିଯୁକ୍ତି ଦାବିରେ ବିକ୍ଷୋଭ

**ପୁରୀ ଅଫିସ,୨।୧୧**

କଣାସ ବ୍ଲକ ଅଧୀନ ସାନବିନ୍ଧଣ ଓ ପୁରୋହିତପୁର ଗ୍ରାମରେ ନିଯୁକ୍ତି ପାଇଥିବା ଆଶାକର୍ମୀଙ୍କୁ ବହିଷ୍କାର କରିବା ସହ ନୂତନ ଆଶାକର୍ମୀ ନିଯୁକ୍ତି ଦାବି କରି ମଙ୍ଗଳବାର ୨ଗ୍ରାମର ଲୋକେ ଜିଲା ମୁଖ୍ୟ ଚିକିତ୍ସା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି ଯେ, ୨୦୨୦ରେ ସାନବିନ୍ଧଣ ଏବଂ ପୁରୋହିତପୁର ଗ୍ରାମ ଲାଗି ଆଶାକର୍ମୀ ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ୩ ଜଣ ପ୍ରାର୍ଥୀ ଦରଖାସ୍ତ କରିଥିଲେ। ୩ ପ୍ରାର୍ଥୀଙ୍କ ମଧ୍ୟରୁ ୨ ପ୍ରାର୍ଥୀ ଅଯୋଗ୍ୟ ହେବାରୁ ସସ୍ମିତା ମିଶ୍ରଙ୍କୁ ଆଶାକର୍ମୀ ଭାବେ ଚୟନ କରାଯାଇଥିଲା। କିନ୍ତୁ ତାଙ୍କ ଚୟନକୁ ନେଇ ଉଭୟ ଗ୍ରାମବାସୀ ବିରୋଧ କରିଥିଲେ। କାରଣ ତାଙ୍କ ନାମରେ ଆଇନଗତ ମାମଲା ରହିବା ସହ ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀ କରିବା ନାମରେ ଲୋକଙ୍କଠାରୁ ଟଙ୍କା ମଧ ହଡପ କରୁଥିବା ଉଭୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କୁ ଆଶାକର୍ମୀ ଭାବେ ନ ରଖିବା ପାଇଁ ଗ୍ରାମବାସୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। କେହି ନ ଶୁଣିବାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମବାସୀ ଧାରଣା ଦେଇଥିଲେ। କଣାସର ସ୍ୱାସ୍ଥ୍ୟ ଅଧିକାରୀ ଗ୍ରାମବାସୀଙ୍କ କଥାକୁ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆଶାକର୍ମୀ ପଦବୀକୁ ସ୍ଥଗିତ ରଖାଯାଇ ଗତ ମାସ ୨୮ ତାରିଖରେ ବୈଠକ ଡକାଯାଇ ଆଶାକର୍ମୀ ଚୟନ ପାଇଁ ନିଷ୍ପତ୍ତି ହୋଇଥିଲା। ଯାହାକୁ ନେଇ କମିଟି ଚୟନ ପ୍ରକ୍ରିୟାକୁ ୭ଦିନ ପାଇଁ ସ୍ଥଗିତ ରଖିଛନ୍ତି। ମାତ୍ର ସସ୍ମିତାଙ୍କ ନାମ ପୁନର୍ବାର ଘୋଷଣା ପତ୍ରରେ ରଖିବା ନେଇ ଗ୍ରାମବାସୀ ସୂଚନା ପାଇଥିବା କହିଛନ୍ତି। ତେଣୁ ୨ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସସ୍ମିତାଙ୍କୁ ଆଶାକର୍ମୀ ପଦବୀରୁ ବହିଷ୍କାର କରିବା ଦାବିରେ ଧାରଣା ଦେଇଥିଲେ।



ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଦ୍ୟନାଥ ଖିଲାରଙ୍କୁ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯାଉଛି।




ଦୀପାବଳି ଉପଲକ୍ଷେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।



ଖୋର୍ଦ୍ଧା ସିଗ୍‌ମା ସ୍କୁଲର ଛାତ୍ରୀଛାତ୍ରମାନେ ମଙ୍ଗଳବାର ମୁରୁଜରେ ରଙ୍ଗବେରଙ୍ଗ ଫୁଲ, ଦୀପ ସହ ଭାରତମାତା ଅଙ୍କନ କରି ଦୀପାବଳି ପାଳନ କରୁଛନ୍ତି।

